EXPRESSES THE TRUTH
ପ୍ରକାଶ କରେ କେବଳ ସତ୍ୟ
/Odisha Sandesh
# ଓଡ଼ିଶା ସନ୍ଦେଶ
Weekly
ସାପ୍ତାହିକ
ODISHA SANDESH
RNI NO : ODIODI/2006/19914
Website : www.odishasandesh.in
E-mail:odishasandesh.news@gmail.com
● ବର୍ଷ- ୧୬ ● ସଂଖ୍ୟା-୨୬● ଭୁବନେଶ୍ୱର ● ମାର୍ଚ୍ଚ ୧୪-୨୦,୨୦୨୨ ● ପୃଷ୍ଠା -୮ ● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 26● Bhubaneswar ● March 14-20, 2022 ● Page- 8 ● ₹ .3.00



ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଅବସରରେ "ଓଡ଼ିଶା ସଂଦେଶ" ତରଫରୁ ତା'ର ସମସ୍ତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । - ସମ୍ପାଦକ

କପିଳଙ୍କୁ ଟପିଲେ ପନ୍ତ୍

ପୃଷ୍ଠା-୭

# ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କଲେ ପ୍ରଧାନମନ୍ତ୍ରୀ ମୋଦି

ଗାନ୍ଧୀନଗର, (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅହମ୍ମଦାବାଦ ଠାରେ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର ଏକ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରିବା ସହିତ ଏଠାରେ ପ୍ରଥମ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀ ଏବଂ ଦାଣ୍ଡି ଯାତ୍ରାରେ




ଅଂଶଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜିର ଦିନରେ ମହାନ ଦାଣ୍ଡି ଯାତ୍ରା ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ''ଇଂରେଜମାନଙ୍କର ଅନ୍ୟାୟ ବିରୋଧରେ ଗାନ୍ଧୀଜୀଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ରୂପ ନେଇଥିଲା, ତାହା ଇଂରେଜ ଶାସନକୁ ଆମ ଭାରତୀୟମାନଙ୍କର ସାମୂହିକ ସାମର୍ଥ୍ୟର ଅନୁଭବ କରାଇ ଦେଇଥିଲା''

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଉପନିବେଶବାଦ ସମୟରେ ଅନ୍ତିରୀଣ ସୁରକ୍ଷା ଧାରଣା ଭିନ୍ନ ଥିଲା । ଉପନିବେଶବାଦୀ ଶାସକମାନେ ଶାନ୍ତି ବଜାୟ ରଖିବା ଲାଗି ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଥିଲେ । ହେଲେ ପୂର୍ବାପେକ୍ଷା ବର୍ତ୍ତମାନର ପରିଦୃଶ୍ୟ ବେଶ ବଦଳି ଯାଇଛି । ସୁରକ୍ଷା ବାହିନୀ ନିକଟରେ ପୂର୍ବରୁ ପ୍ରସ୍ତୁତି ନିମନ୍ତେ ଅଧିକ ସମୟ ଥିଲା କିନ୍ତୁ ଏବେ ସେତିକି ସମୟ ମିଳୁ ନାହିଁ । କାରଣ ପ୍ରଯୁକ୍ତି, ପରିବହନ ଏବଂ ସଞ୍ଚାର ବ୍ୟବସ୍ଥାରେ ଯଥେଷ୍ଟ ସୁଧାର ଆସିଛି


ଗୁଜୁରାଟ ଗସ୍ତ ସମୟରେ ନିଜ ମା'ଙ୍କଠାରୁ ଆର୍ଶୀବାଦ ଭିକ୍ଷା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

। ସେ ଏହା ମଧ୍ୟ କହିଥିଲେ ଯେ ଆଜିର ପୁଲିସିଂ ପାଇଁ ଆଲୋଚ୍ନା ଏବଂ ଅନ୍ୟ ସଫ୍ଟ ସ୍କିଲ୍ସ ଭଳି କୌଶଳର ଆବଶ୍ୟକତା ରହିଛି ଯାହାକି ଗଣତାନ୍ତ୍ରିକ ପରିଦୃଶ୍ୟରେ କାମ କରିବା ପାଇଁ ଅତ୍ୟନ୍ତ ଜରୁରି ।ପୁଲିସ ଓ ସୁରକ୍ଷାକର୍ମୀଙ୍କ ଛବି ବଦଳାଇବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ଲୋକପ୍ରିୟ ସଂସ୍କୃତିରେ ମଧ୍ୟ ପୁଲିସର ଯେପରି ଛବି ପ୍ରସ୍ତୁତ କରାଯାଇଛି ଏ କ୍ଷେତ୍ରରେ ତାହା ବିଶେଷ ସହାୟକ ହୋଇପାରିବ ନାହିଁ । ପୃଷ୍ଠା-୭ ଦେଖନ୍ତୁ

# ନବୀନଙ୍କ ଅଧିନରେ ୩୦ ଜିଲ୍ଲା ପରିଷଦ ଅଧକ୍ଷ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି । ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ପଦବି ପାଇଁ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି । ମୋଟ ୩୦ଟି ଜିଲ୍ଲାରେ ବିଜେଡିର ପ୍ରାର୍ଥୀମାନେ ଜିଲ୍ଲାପରିଷଦ ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । । ଚଳିତ ପଂଚାୟତ ନିର୍ବାଚନରେ ବିଜେଡି ୮୫୨ ଆସନରୁ ଏକାକୀ ୭୬୬ ଆସନରେ ଜିତିଥିବା ବେଳେ,




ବିଜେପି ୪୨ ଓ କଂଗ୍ରେସ ୩୭ ଆସନ ଜିତିଥିଲା ।

ଅନୁଗୁଳ ଜିଲ୍ଲାରେ ବବିତା ପ୍ରଧାନ, ବୌଦ୍ଧ ଜିଲ୍ଲାରେ ପ୍ରଭାସିନୀ ଦାସ, ବରଗଡ଼ ଜିଲ୍ଲାରେ ମାନିନୀ ଭୋଇ, ଭଦ୍ରକ ଜିଲ୍ଲାରେ ପ୍ରଫୁଲ୍ଲ ଜେନା, ଢେଙ୍କାନାଳ ଜିଲ୍ଲାରେ ଅର୍ଚ୍ଚନା ପୁହାଣ ଜିଲ୍ଲା ପରିଷଦ ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଝାରସୁଗୁଡ଼ା ଜିଲ୍ଲାରେ ତୁଳାବତୀ ମିଞ୍ଜ, ଜଗତସିଂହପୁର ଜିଲ୍ଲାରେ ମନୋଜ ଭୋଇ, କଟକ ଜିଲ୍ଲାରେ କିଶୋର ଚନ୍ଦ୍ର ମିଶ୍ର କେନ୍ଦୁଝର ଜିଲ୍ଲାରେ ସାଗରିକା ସାହୁ ଜିଲ୍ଲା ପରିଷଦ ଅଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରେ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, କନ୍ଧମାଳ ଜିଲ୍ଲାରେ ନନ୍ଦିନୀ ମଳିକ, କୋରାପୁଟ ଜିଲ୍ଲାରେ ସସ୍ମିତା ମେଲେକା, କେନ୍ଦ୍ରାପଡ଼ା ଜିଲ୍ଲାରେ ଗୀତାଞ୍ଜଳି ସେଠୀ. ଖୋର୍ଦ୍ଧା ଜିଲ୍ଲାରେ ରୁପଶ୍ରୀରାଣୀ ଗୁମାନସିଂହ, ମାଲକାନଗିରି ଜିଲ୍ଲାରେ ସମାରି ଡାଲୁଙ୍ଗୁ ପୁରୀ ଜିଲ୍ଲାରେ ସ୍ୱପ୍ନାରାଣୀ ସ୍ୱାଇଁ ଜିଲ୍ଲା ପରିଷଦ ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

ସେହିପରି ରାୟଗଡ଼ା ଜିଲ୍ଲାରେ ସରସ୍ୱତୀ ମାଝି, ସମ୍ବଲପୁର ଜିଲ୍ଲାରେ କୁମୁଦିନୀ ନାଏକ, ସୁବର୍ଣ୍ଣପୁର ଜିଲ୍ଲାରେ ସୁପାର ଠେଲା, ସୁନ୍ଦରଗଡ଼ ଜିଲ୍ଲାରେ ପୃଷ୍ଠା-୭ ଦେଖନ୍ତୁ


ରାଜ୍ୟଗୋଷ୍ଠୀ ଦିବସ ଉପଲକ୍ଷେ ପୁରୀ ବେଳାଭୂମିଠାରେ ଆୟୋଜନ ହେଉଥିବା ବିଚ୍ ଭଲିବଲ୍ ମ୍ୟାଚରେ ଯୋଗଦେବାକୁ ଆସିଥିବା ବ୍ରିଟିଶ୍ ଉପ ଉଚ୍ଚାୟୁକ୍ତ ନିକ୍ ଡ଼ି ଲୋ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି ।

# ଜଗଦେବଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ଡ. ସସ୍ମିତ୍

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏବେ ଦଳରେ ନାହାନ୍ତି ଏବଂ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଜେଡି ଦାବି କରିଥିବା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଚିଲିକା ବିଧାୟକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆଜି ଓଡିଶା ବିଜେପି ତାହାର ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି । ଏହି ଦାବି କରିସାରିଛୁ ଯେ ପୋଲିସ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୃଢ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।



ଏହା ଜାଣିବା ସତ୍ତ୍ୱେ ଏହି ବର୍ବର ଘଟଣାକୁ ରାଜନୀତିକରଣ କରିବାକୁ ବିଜେପି ଅନାବଶ୍ୟକ ଭାବରେ ବିଜେଡିକୁ ଟାଣିବାକୁ ଯେଉଁଳି ଚେଷ୍ଟା କରୁଛି ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ । ଏହି ବର୍ବର ଘଟଣାକୁ ନେଇ ରାଜନୀତି କରିବାର ପ୍ରୟାସକୁ ଏଡାଇବାକୁ ହେବ । ଏହି ପ୍ରସଙ୍ଗରେ ଆମେ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ବିଜେପି ମୁଖପାତ୍ର ଡକ୍ଟର ସମ୍ବିତ ପାତ୍ର ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ବ୍ୟକ୍ତିଗତ ଭାବେ କହିଛନ୍ତି ।ଆମେ ଓଡିଶା ବିଜେପିକୁ ମନେ ପକାଇବାକୁ ଚାହୁଁଛୁ ଯେ ଯେତେବେଳେ ସେମାନଙ୍କ ଦଳ ଶାସନ କରୁଥିବା ରାଜ୍ୟରେ ଏହିଭଳି ସମାନ ଘଟଣା ଘଟିଥିଲା, ସେତେବେଳେ ସେମାନେ ସେହି ପ୍ରସଙ୍ଗକୁ ରାଜନୀତିକରଣ ନ କରିବାକୁ ନିବେଦନ କରିଥିଲେ ଏବଂ ଆଇନକୁ ତା ବାଟରେ କାର୍ଯ୍ୟ କରିବାକୁ ଦିଅନ୍ତୁ ବୋଲି କହିଥିଲେ । କିନ୍ତୁ ଓଡିଶା ବିଜେପି ବର୍ତ୍ତମାନ ଏହି ପ୍ରସଙ୍ଗରେ ଆଉ ଏକ ଆଭିମୁଖ୍ୟ ଗ୍ରହଣ କରୁଛି । ଏହିପରି ସମ୍ବେଦନଶୀଳ ପ୍ରସଙ୍ଗରେ ଦୋମୁହାଁ ନୀତି ନ ଆପଣେଇବାକୁ ଆମେ ଓଡିଶା ବିଜେପିକୁ ନିବେଦନ କରୁଛୁ । ଚିଲିକା ବିଧାୟକଙ୍କ ବିରୋଧରେ କଠୋର ପୃଷ୍ଠା-୭ ଦେଖନ୍ତୁ

# ବାଣପୁର ଘଟଣା ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ :ଧର୍ମେନ୍ଦ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ବ୍ଲକ ଅଧକ୍ଷ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ନିର୍ବାଚିତ ପ୍ରତିନିଧି ପ୍ରଶାନ୍ତ ଜଗଦେବ ନୀରିହ ଜନତା ଓ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଗାଡ଼ି ଚଢ଼ାଇଦେବା ଘଟଣାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଏହି ଘଟଣାରେ ଆହତ ଓ ସଙ୍କଟାପନ୍ନ ଥିବା ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ ଟ୍ୱିଟ୍ କରିଛନ୍ତି ଯେ ଜଣେ ବିଧାୟକ ଅମାନୁଷିକ ଭାବରେ ସର୍ବସାଧାରଣରେ ଜନତା ଓ ପୋଲିସ କର୍ମଚାରୀଙ୍କ ଉପରେ ନିଜେ ଗାଡ଼ି



ଚଲାଇ ଗାଡ଼ି ଚଢ଼ାଇବା ସମ୍ଭବତଃ ଓଡ଼ିଶାରେ ପ୍ରଥମ । ଏହି ଘଟଣାକୁ ଯେତେ କଡ଼ା ଶବ୍ଦରେ କହିଲେ ବି କମ୍ ହେବ । ରାଜ୍ୟ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ପଂଚାୟତ ନିର୍ବାଚନ ସମୟରେ ଶାସକ ଦଳର ହିଂସାତ୍ମକ କାର୍ଯ୍ୟ ଉପରେ ମୁଁ ଉଦବେଗ ପ୍ରକାଶ କରିଥିଲି । ରାଜ୍ୟ ପ୍ରଶାସନ ଏ ଘଟଣା ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଭଳି ଅନୁଭବ ହେଉନାହିଁ । ପୌର ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିବା ଚିନ୍ତା ଓ ପରିତାପର ବିଷୟ । ଭୁବନେଶ୍ୱର ଲକ୍ଷ୍ମୀସାଗର ଅଂଚଳରେ ବିଜେପି କାର୍ଯ୍ୟକର୍ତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ମୁଁ ନିନ୍ଦା କରୁଛି । ଆହତ ହୋଇଥିବା କାର୍ଯ୍ୟକର୍ତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ପ୍ରଶାସନ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ- ଏହା ସ୍ଲୋଗାନ ବଦଳରେ ପ୍ରତିବଦ୍ଧତା ହେବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

# ବିଧାୟକ ଜଗଦେବ ପୁଣି ଥରେ ଅତ୍ୟନ୍ତ ଅମାନବୀୟ ଘଟଣା ଘଟାଇବା ଲଜ୍ଜାଜନକ: ଡ.ସମ୍ବିତ୍




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନିର୍ବାଚନ ହେଉଛି ଗଣତନ୍ତ୍ରର ଗୋଟିଏ ପ୍ରମୁଖ ଅଂଶ ଏବଂ ଜୟ ପରାଜୟ ନିର୍ବାଚନର ଗୋଟିଏ ଅଂଶ । ୪ଟି ରାଜ୍ୟରେ ନିର୍ବାଚନ ସମାପ୍ତ ହୋଇଛି ଏବଂ ଭାରତୀୟ ଜନତା ପାର୍ଟି ସମସ୍ତ ରାଜ୍ୟରେ ଜୟଲାଭ କରିଛି । କୌଣସି ଗୋଟିଏ ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିନାହିଁ ବା ବିଜେପି କାର୍ଯ୍ୟକର୍ତା ହିଂସାକାଣ୍ଡ ଭିଆଇ ନାହାନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦେଶ ହେଉଛି ଓଡିଶା । ଶାନ୍ତ, ବିନମ୍ରତା ହେଉଛି ଓଡିଆଙ୍କ ସ୍ୱତନ୍ତ୍ର ପରିଚୟ । କିନ୍ତୁ ଶାସକ ବିଜେଡିର ହିଂସାତ୍ମକ ଆଚରଣ ଆଜି ଓଡିଶାବାସୀଙ୍କୁ ଭୟଭୀତ କରିବା ସହିତ ସମଗ୍ର ଓଡିଶାକୁ ଲଜ୍ଜିତ କରିଛି ଏବଂ ଏହି କାରଣରୁ ଓଡିଶାର ଛବି ମଳିନ ପଡିଛି । ପଡୋଶୀ ପଶ୍ଚିମବଙ୍ଗ ନିର୍ବାଚନ ପରେ ପ୍ରତିଶୋଧ ପରାୟଣ ହୋଇ ଶାସକ ତୃଣମୁଳ ସରକାର ଯେମିତି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରୁଛି, ଓଡିଶାରେ ମଧ ଶାସକ ବିଜେଡି ସେହି ପନ୍ଥା ଆପଣାଇଛି ବୋଲି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର କହିଛନ୍ତି ଯେ, ଚିଲିକା ବିଧାନସଭା ଅନ୍ତର୍ଗତ ବାଣପୁରଠାରେ ବିଜେଡି ବିଧାୟକ ପ୍ରଶାନ୍ତ ଜଗଦେବ ମଦ ପିଇ ଗାଡି ଚଲାଇବା ସହିତ ବିଜେପି କର୍ମୀଙ୍କୁ ମାରିବାକୁ ଉଦ୍ୟମ କରି ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ପଞ୍ଚାୟତ ନିର୍ବାଚନ ପରେ ବ୍ଲକ ଅଧକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଲୋକଙ୍କ ବିଶ୍ୱାସ ହାସଲ କରି ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀମାନେ ବିପୁଳ ସଂଖ୍ୟାରେ ଜୟଲାଭ କରିଥିଲେ । ବିଜେପିର ଜୟ ସୁନିଶ୍ଚିତ ହୋଇଥିବା କାରଣରୁ ଫ୍ରଷ୍ଟେସନ ହୋଇ ବିଧାୟକ ଶ୍ରୀ ଜଗଦେବ ପୁଣି ଥରେ ଅତ୍ୟନ୍ତ ଅମାନବୀୟ ଘଟଣା ଭିଆଇଛନ୍ତି । ବିଧାୟକଙ୍କ ଏଭଳି ନାରକୀୟ କାଣ୍ଡ କାରଣରୁ ବହୁ ସଂଖ୍ୟାରେ ମହିଳାଙ୍କ ସମେତ ଅନ୍ୟମାନେ ଅଳ୍ପକେ ରକ୍ଷା ପାଇ ବର୍ତ୍ତମାନ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ବ୍ଲକ ନିର୍ବାଚନ ହାରିବା ଭୟରେ ନିର୍ବାଚନକୁ ବନ୍ଦ କରିବାର ଷଡଯନ୍ତ୍ର ରଚି ବିଧାୟକଙ୍କ ଏଭଳି ହୀନ କାର୍ଯ୍ୟକୁ ବିଜେଡି ପ୍ରଶୟ ଦେଇଛି । ଏହି ଅମାନୁଷିକ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଛତ୍ରଛାୟା ତଳେ କରାଯାଇଛି ବୋଲି ଡ.ପାତ୍ର କହିଛନ୍ତି ।

ପୃଷ୍ଠା-୭ ଦେଖନ୍ତୁ

# ମୁଖ୍ୟମନ୍ତ୍ରୀଙ୍କ ନାରୀ ସଶକ୍ତିକରଣ ଓଡ଼ିଶା ରାଜନୀତିରେ ନୂଆ ଇତିହାସ ସୃଷ୍ଟି କରିଛି:ପ୍ରଣବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାରୀ ସଶକ୍ତିକରଣ ମନ୍ତ୍ର ଓଡ଼ିଶା ରାଜନୀତିରେ ନୂଆ ଇତିହାସ ସୃଷ୍ଟି କରିଛି । ପ୍ରଥମ ଥର ବିଜେଡି ସମସ୍ତ ଜିଲ୍ଲା ପରିଷଦ ଗଠନ କରିଥିବାବେଳେ ସତୁରୀ ପ୍ରତିଶତ ଆସନରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନେତୃତ୍ୱରେ ଦେବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ବିଜେଡିର ଜଣେ ସକ୍ରିୟ କର୍ମୀ ହିସାବରେ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଛନ୍ତି ପ୍ରଣବ । ସୂଚନାଯୋଗ୍ୟ, ନାଏବ ସରପଞ୍ଚ ଓ ବ୍ଲକ ଚେୟାରମ୍ୟାନ ନିର୍ବାଚନ ପରେ ଜିଲ୍ଲା ପରିଷଦ ଅଧକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା । ଏଥିରେ ସମସ୍ତ ୩୦ଟି ଯାକ ଜିଲ୍ଲା ପରିଷଦ ଦଖଲ କରିଛି ବିଜେଡି । ଓଡ଼ିଶା ଇତିହାସରେ ପ୍ରଥମ ଥର ଏମିତି ହୋଇଛି । କୌଣସି ରାଜନୈତିକ ଦଳ ରାଜ୍ୟରେ ସମସ୍ତ ଜିଲ୍ଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇ ନଥିଲେ । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ଯୋଗୁଁ ବିଜେଡି ଏହି ସଫଳତା ପାଇପାରିଛି । ପ୍ରଥମ ଥର ବିଜେଡି ସମସ୍ତ ଜିଲ୍ଲା ପରିଷଦ ଗଠନ କରିଥିବାବେଳେ ସତୁରୀ ପ୍ରତିଶତ ଆସନରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନେତୃତ୍ୱରେ ଦେବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ।

## ମୁଖ୍ୟ ଶାସନ ସଚିବଙ୍କ ପୁରୀ ଜିଲ୍ଲା ଗସ୍ତ

# ବାତ୍ୟା ନିରୋଧି ବନୀକରଣ ସଘନ କରିବାକୁ ନିର୍ଦ୍ଦେଶ



ପୁରୀ,(ସଂଦେଶ ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ପୁରୀ ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ବନୀକରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ପୁରୀ ଏକ ଉପକୂଳବର୍ତ୍ତି ଜିଲ୍ଲା ହୋଇଥିବାରୁ ବାତ୍ୟା ନିରୋଧି ବନୀକରଣ ସଘନ କରିବାକୁ ବୃକ୍ଷରୋପଣ ନିମନ୍ତେ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ଅସ୍ତରଙ୍ଗ ଓ କାକଟପୁର ସମେତ ଜିଲ୍ଲାର ସମସ୍ତ ସମୁଦ୍ର କୂଳିଆ ଅଞ୍ଚଳ, ବନଖଣ୍ଡ- ଅଭୟାରଣ୍ୟ, ପୁରୀ- କୋଣାର୍କ ମେରାଇନ ଡ୍ରାଇଭ ରୋଡ,ନୂଆ ମୁହାଣ ଅଞ୍ଚଳ, ପୁରୀ- ସାତପଡା ଓ ଜାତୀୟ ରାଜପଥ ଏବଂ ଜିଲ୍ଲାର ଅନ୍ୟାନ୍ୟ ସହରାଞ୍ଚଳରେ ବୃକ୍ଷରୋପଣ ପୃଷ୍ଠା-୭ ଦେଖନ୍ତୁ

# ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଭିଜିଲାନ୍ସ ପକ୍ଷରୁ ବୁଧବାର ଦିନ ବ୍ରହ୍ମପୁର ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନ ଉପରେ ଚଢ଼ାଉ କରାଯାଇଛି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ବ୍ରହ୍ମପୁର ରୁରାଲ୍ ୱାର୍କସ୍ (ଇଲେକ୍ଟ୍ରିକାଲ୍) ଡିଭିଜନ୍ ର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କର ୫ ଟି ଠିକଣା ଉପରେ ଭିଜିଲାନ୍ସ ବିଭାଗର ୫ଟି ଟିମ୍ ଏକକାଳୀନ ଚଢ଼ାଉ କରିଛି । ବର୍ତମାନ ସୁଦ୍ଧା ହୋଇଥିବା ଯାଂଚରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କ ନାମରେ ୭କୋଟି ଟଙ୍କାର ସମ୍ପତି ରହିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ । ଏହା ମଧ୍ୟରେ ୩ଟି କୋଠା, ୧୨ଟି ଫ୍ଲାଟ୍ , ୨ଟି ଏସ୍‌ୟୁଭି ଓ ୩ଟି ଦୁଇ ଚକିଆ ଗାଡ଼ି ରହିଛି । କେବଳ ସେତିକି ନୁହେଁ ତାଙ୍କ ଘରୁ ପ୍ରାୟ ୨୦ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି । ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ ଆସିବା ପରେ କଟକ ଓ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ମିଳିତ ଟିମ୍ ଗତ ବୁଧବାର ସକାଳୁ ୫ଟି ସ୍ଥାନରେ ଚଢ଼ାଉ



କରିଥିଲେ । ବ୍ରହ୍ମପୁର ଗଜପତିନଗର ୧୧ମ ଲାଇନ୍ ରେ ଥିବା ୫ମହଲା କୋଠା, ଭୁବନେଶ୍ୱର ଏମ୍‌ସ ନଗର ତୃତୀୟ ଲାଇନ୍ ରେ ଥିବା ୪ମହଲା ଘର, ଗଜପତିନଗର ଅଷ୍ଟମ ଲାଇନ୍ ରେ ଥିବା ୪ମହଲା ଘର, ଛତ୍ରପୁର ଥାନା ପୁତବଗଡ଼ ସ୍ଥିତ ପୈତୃକ ଘର ଓ ଆମ୍ବପୁଆ ସ୍ଥିତ ଅଫିସ୍ ରେ ଚଢ଼ଉ କରାଯାଇଛି । ଜଣେ ଏଏସ୍‌ପି, ୪ଜଣ ଡିଏସ୍‌ପି, ୧୦ଜଣ ଇନ୍‌ସ୍ପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ୫ଟି ଟିମ୍ ଚଢ଼ଉ କରିଥିଲା ।ଭିଜିଲାନ୍ସ ବିଭାଗର ଆକଳନ ଅନୁସାରେ ଗଜପତିନଗର ୧୧ମ ଲାଇନ୍ ରେ ଥିବା ଘର ୧କୋଟି ୬୮ଲକ୍ଷ ହୋଇଥିବା ବେଳେ ଭୁବନେଶ୍ୱର ସ୍ଥିତ ଘର ଦେଢ଼କୋଟି, ଗଜପତିନଗର ଅଷ୍ଟମ ଲାଇନ୍ ରେ ଥିବା ଘର ୯୦ଲକ୍ଷ ଓ ପୁତପଗଡ଼ରେ ଥିବା ଗୋଟିଏ ମହଲାର ଘର ୯ଲକ୍ଷ ୫୩ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ସୂତ୍ରରୁ ପ୍ରକାଶ । ସେହିପରି ବ୍ରହ୍ମପୁର, ଭୁବନେଶ୍ୱର ଓ ଜଟଣୀରେ ଥିବା ୧୨ଟି ଫ୍ଲାଟ୍ ର ମୂଲ୍ୟ ୧କୋଟି ୩୪ଲକ୍ଷ ଟଙ୍କା ହେବ । ୮୫ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ରହିଥିବା ବେଳେ ୨୫ଲକ୍ଷ ଟଙ୍କାର ଦୁଇଟି ଏସ୍ ୟୁଭି ରହିଛି । ୨ଲକ୍ଷ ୭୭ହଜାର ଟଙ୍କାର ୩ଟି ଦୁଇଚକିଆ ଗାଡ଼ି ରହିଛି । ଏହା ସହିତ ତାଙ୍କର ଘରୁ ମୋଟ ୧୯ଲକ୍ଷ ୮୮ହଜାର ୭୯୦ଟଙ୍କା ଜବତ କରାଯାଇଛି । ଯାଂଚ ଚାଲିଥିବାରୁ ସମ୍ପତ୍ତି ତାଲିକା ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ବିଭାଗ ତରଫରୁ ଅନୁମାନ କରାଯାଉଛି । ତେବେ ଆଜି ଯେତେବେଳେ ଭିଜିଲାନ୍ସ ଟିମ ଚଢ଼ାଉ କରିବାକୁ ପହଂଚିଥିଲେ, ଜଗନ୍ନାଥ ସେଠୀ ଓ ତାଙ୍କ ପୁଅ ଭିତରୁ କବାଟ ଖୋଲିନଥିଲେ । ଭିଜିଲାନ୍ସ ଟିମ ବାଧ୍ୟ ହୋଇ କବାଟ ଭାଙ୍ଗି ଘରେ ପଶିଥିଲା । ଭିଜିଲାନ୍ସକୁ ସହଯୋଗ ନ କରିବା ନେଇ ମଧ୍ୟ ମାମଲା ରୁଜୁ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ଷ୍ଟ୍ରଙ୍ଗ୍‌ରୁମ୍ ପ୍ରସ୍ତୁତି ପରିଦର୍ଶନ କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳିତ ପୌର ନିର୍ବାଚନର ପ୍ରସ୍ତୁତି ସ୍ୱରୂପ ଷ୍ଟ୍ରଙ୍ଗ୍‌ରୁମ୍ ପାଇଁ ଚିହ୍ନିତ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣକୁ ଯାଇ ବୁଲି ଦେଖିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ର କମିଶନର ସଂଜୟ କୁମାରସିଂ । ଭୋଟର ତାଲିକା ଏବଂ ବୁଥ୍ ତାଲିକା ଚୂଡ଼ାନ୍ତ ହୋଇସାରିବା ପରେ ଏବେ ନିର୍ବାଚନକୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ପ୍ରୟାସ ଜାରିରହିଛି ।



ଚଳିତ ବିଏମ୍‌ସି ସାଧାରଣ ନିର୍ବାଚନରେ କର୍ପୋରେଟର ଏବଂ ମେୟର ପଦବୀ ପାଇଁସ୍ୱତନ୍ତ୍ର ଭାବେମତଦାନ କରାଯାଉଥିବାରୁ ଏଥିରେ ଦୁଇଗୁଣା ଇ ଭିଏମ୍ ଯନ୍ତ୍ର ଉପଯୋଗ ହେବ । ତେଣୁ ପ୍ରତ୍ୟେକ ବୁଥ୍ ପାଇଁ ଦୁଇଟ ିଲେଖାଏଁ ଇ ଭିଏମ୍ ଯନ୍ତ୍ର ରହିବ । ଷ୍ଟ୍ରଙ୍ଗ୍‌ରୁମ୍ ପାଇଁ ପ୍ରକୃଷ୍ଟ ସ୍ଥାନ ଉପରେଗରୁତ୍ୱ ଦେଇଛନ୍ତି କମିଶନର । ସେହି ଅନୁଯାୟୀ ଇ ଭିଏମ୍‌ଏବଂ ଆନୁଷଙ୍ଗିକ ଉପକରଣ ଦେବା ତଥା ମତଦାନ ପରେ ଏଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଷ୍ଟ୍ରଙ୍ଗ୍‌ରୁମ୍‌ର ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଉପଲବ୍ଧ କୋଠରୀ ଏବଂ ସ୍ଥାନକୁ ପରିଦର୍ଶନ କରିବା ସହିତ ଏହାର ସୁଗମ ପରିଚାଳନା ପାଇଁ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀମାନଙ୍କୁ କହିଛନ୍ତି ।

ଅତିରିକ୍ତ ଜିଲ୍ଲାପାଳଏବଂ ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ , ବିଏମ୍‌ସି ର ଅତିରିକ୍ତ ଆୟୁକ୍ତ ବିନୟ କୁମାର ଦାଶ, ଉପ ଆୟୁକ୍ତ (ନିର୍ବାଚନ) ଶ୍ରୀମନ୍ତ ମିଶ୍ର, ଜୋନାଲ୍ ଡ଼େପୁଟି କମିଶନର ପୁରନ୍ଦର ନନ୍ଦ, ଉପ ଆୟୁକ୍ତ (ସୋସିଆଲ୍ ୱେଲ ଫେୟାର୍) କମଳାକାନ୍ତ ବେହେରା ବିଜେବି କଲେଜର ଆର୍ଟ୍‌ସବ୍ଲକ୍‌ର ତଳମହଲାଏବଂ ପ୍ରଥମ ମହଲାର ବିଭିନ୍ନ କୋଠରୀକୁ ପରିଦର୍ଶନ କରିଥିଲେ । ଏହା ପରେ ଅଧିକାରୀମାନେ ୱାର୍ଡ଼ୱାରୀ ଡିସ୍ପର୍ସାଲ୍ କାଉଣ୍ଟର୍, ଯାନ ରହଣୀସ୍ଥାନ, ପୁଲିସ୍‌ମୁତୟନ ସ୍ଥାନ, ପ୍ରତୀକ୍ଷାସ୍ଥାନ, ସୂଚନା ପ୍ରଦାନ ଏବଂଗୁଡ଼ିକ ପାଇଁହୋଇଥିବା ନକ୍ସାକୁ ଦେଖିସମ୍ପୃକ୍ତ ସ୍ଥଳଗୁଡ଼ିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ।

# ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡର ଜେନେରାଲ ମ୍ୟାନେଜରଙ୍କ ଘର ଓ ଅନ୍ୟ ସ୍ଥାନ ଉପରେ ଭିଜିଲାନ୍ସ ଚଢାଉ

ସମ୍ବଲପୁର, (ସଂଦେଶ ବ୍ୟୁରୋ): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ଦର୍ଜୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି ।



ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ତାଙ୍କର ସମ୍ବଲପୁର ଜିଲ୍ଲାର ବୁର୍ଲା କର୍ପୋରେଟ୍ ଅଫିସ୍, ବାସଭବନ ସମେତ କେତେକ ସ୍ଥାନରେ ଏକକାଳୀନ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚଢ଼ାଉ ହେଉଛି । ଜଣେ ଡିଏସପିଙ୍କ ସମେତ, ଛଅ ଜଣ ଇନ୍ସପେକ୍ଟର, ଦୁଇ ଜଣ ଏଏସଆଇ ଏବଂ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାର ୩ଟି ସ୍ଥାନରେ ଏକକାଳୀନ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି । ଏଯାବତ୍ ସନ୍ତୋଷଙ୍କ ଘରୁ ନଗଦ ୬ ଲକ୍ଷ ୨୮ ହଜାର ଟଙ୍କା ଜବତ ହୋଇଥିବାର ସୂଚନା ମିଳିଛି । ଚଢାଉ କାର୍ଯ୍ୟ ଜାରୀ ରହିଛି ।

# ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ପାଳିତ



ବାଲିଅନ୍ତା, (ସଂଦେଶ ବ୍ୟୁରୋ): ଓଡ଼ିଶାର ପ୍ରବୀଣ ଶିକ୍ଷାବିତ୍ ମହିମାଧର୍ମର ପ୍ରବକ୍ତା ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଶହୀଦନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ, ସତ୍ୟବ୍ରତ ଜେନା, କବିତା ସୁବୁଦ୍ଧି, ଜୟନ୍ତୀ ପଣ୍ଡା, ରୂପାଲି ସାହୁ, ସ୍ୱର୍ଗତ ନାଥଙ୍କ ପୁତ୍ରବଧୂ ଗୀତାଞ୍ଜଳି ନାଥ ଓ ତାଙ୍କ ପରିବାର ସଦସ୍ୟ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ପ୍ରଫେସର ନାଥ ଲଣ୍ଡନରେ ଉଚ୍ଚଶିକ୍ଷା ଲାଭ କରି ଶିକ୍ଷକତାକୁ ବ୍ରତ ଭାବେ ଗ୍ରହଣ କରି ମୌଳିକ ଶିକ୍ଷାର ବିକାଶ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ସରଳ ନିଷ୍ପାପର ଜୀବନଯାପନ କରିବା ସହ ତାଙ୍କର ଶିକ୍ଷାଦାନ ଶୈଳୀ ବିଦ୍ୟାର୍ଥୀମାନଙ୍କ ମେଧାଶକ୍ତିର ବିକାଶରେ ସହାୟକ ହୋଇଥିଲା । ସେ ଅନେକ ଗୁଡ଼ିଏ ପାଠ୍ୟପୁସ୍ତକ ରଚନା କରିବା ସହିତ ମହିମା ଧର୍ମ ଉପରେ ବହୁ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ।

# ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ତରଫରୁ କଳିଙ୍ଗ ନଗର ସ୍ଥିତ ଡ. ଏପିଜେ ଅବଦୁଲ୍ କାଲାମ ପାର୍କ ପରିସରରେ ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେଏଲକେଜି ଠାରୁ ଆରମ୍ଭ କରିଷ ଷଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀଙ୍କୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ବିଭାଗ ପାଇଁ ଭିନ୍ନଭିନ୍ନ ବିଷୟ ଯଥା ଚିତ୍ରଉପରେ ରଙ୍ଗ ଦେବା,ବାଳକ ବାଳିକା ଓ ରଜ ମହୋତ୍ସବ ଇତ୍ୟାଦି ରଖାଯାଇଥିଲା । ଏଥିରେ ୬୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲା ବେଳେଏକାଡେମୀର ସମ୍ପାଦିକା ପ୍ରଜ୍ଞା ପ୍ରିୟଦର୍ଶନୀ ପଟ୍ଟନାୟକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।ବରିଷ୍ଠ କଳା ଶିକ୍ଷକ ସପନ କୁମାର ଗିରିବିଚାରକ ଭାବେ ଯୋଗ ଦେଇ ସମସ୍ତ ପ୍ରତୀଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଏହି ଏକାଡେମୀ ନୃତ୍ୟ ସହିତ ପିଲାମାନଙ୍କର ଅର୍ନ୍ତନିହିତ ପ୍ରତିଭାକୁ ଜାଗ୍ରତ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯିବା ସହ ଉତ୍ସାହିତ କରିବାରେ ମଧ୍ୟ ସହାୟକ ହୋଇଆସୁଛି । ଏକାଡେମୀର ଏହି ପ୍ରୟାସକୁ ଅଭିଭାବକ ମହଲରୁ ସ୍ୱାଗତ କରାଯାଇଛି ।

# ଖପ୍ରାଖୋଲ ବ୍ଲକ ଅଧକ୍ଷା ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ ନିରୂପମା ପଟେଲ

ଖପ୍ରାଖୋଲ,(ସଂଦେଶ ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧକ୍ଷା ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ଧଣ୍ଡାମୁଣ୍ଡା ସମିତି ସଭ୍ୟା ନିରୂପମା ପଟେଲ । ଶନିବାର ଏଥିପାଇଁ ଅନୁଷ୍ଠିତ ନିର୍ବାଚନ ପ୍ରକ୍ରିୟାରେ ନିରୂପମା ପଟେଲ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସୁଖିରାମ ସାଣ୍ଟ ପ୍ରସ୍ତାବକ ଓ ବନବାସ



ମାଝୀ ସମର୍ଥକ ରହିଥିଲେ । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ ନ କରିବାରୁ ନିରୂପମା ପଟେଲ ନିର୍ଦ୍ୱନ୍ଦରେ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ । ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ତୁରେକେଲା ବିଡିଓ ଦେବାଶିଷ ସାମଲ ଏହି ଘୋଷଣା କରିଥିଲେ । ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହେବା ପରେ ଖପ୍ରାଖୋଲ ବ୍ଲକର ରାସ୍ତାଘାଟ ଓ ସାମାଜିକ ସୁରକ୍ଷା ଯୋଜନା ସହ ସମସ୍ତ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟ କରିବେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟଯେ, ନିରୂପମା ପଟେଲ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବ୍ଲକ ଉପାଧକ୍ଷା ଦାୟିତ୍ୱ ତୁଲାଇଛନ୍ତି ।

# ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଯୋଗ ଦେଲେ ପ୍ରତାପ ସାହୁ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗତ ୧୧ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗୁଜୁରାଟ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ନାରାୟଣ ସରୋବର କଚ୍‌ଠାରେ ଚାଲିଥିବା ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ, ଜୟନ୍ତ ଦାସଙ୍କ ସମେତ ଅନୁଜ ପ୍ରଧାନ, ଅନୁ ମିଶ୍ର, ଅଳକାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ସମ୍ମିଳନୀକୁ ସର୍ବ ଭାରତୀୟ ଉଠାଦୋକାନୀ ମହାସଂଘର ସଭାପତି କୋଲିନ୍ ଗୋନ୍‌ସାଲ୍ ଭେସ୍ ଯୋଗ ଦେଇ ଉଦ୍‌ଘାଟନ କରି କହିଲେ ଯେ, ସୁପ୍ରିମ କୋର୍ଟ ବହୁ ରାଜ୍ୟକୁ ଉଠାଦୋକାନୀ ମାନଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ । ଏଥିସହିତ ସୋଧନ ସିଂ ମାମଲା ଉପରେ ମଧ୍ୟ ସେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ସର୍ବ ଭାରତୀୟ ଉଠାଦୋକାନୀ ମହାସଂଘ ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷ ପରିଚାଳନା କରି ଉଠାଦୋକାନୀ ଆଇନ ୨୦୧୪ ସାରା ଦେଶରେ ଲାଗୁ କରିବା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନା, ଦେଶରେ ଉଠାଦୋକାନୀମାନଙ୍କ ସମସ୍ୟା, ଟାଉନ ଭେଣ୍ଡିଂ କମିଟି ସମସ୍ୟା, ମାନ୍ୟବର ସୁପ୍ରିମକୋର୍ଟ ଓ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କିଭଳି ଭାବରେ କାର୍ଯ୍ୟକାରୀ କରାଯିବ, ନୂତନ ଭେଣ୍ଡିଂଜୋନ ପ୍ରତିଷ୍ଠା କରାଯାଇ ପାରିବ, ଉଠାଦୋକାନୀମାନଙ୍କ ସାମାଜିକ ସୁରକ୍ଷା, ଦୋକାନ ଇନସ୍ୟୁରାନ୍ସ, ପେନସନ ଯୋଜନା, ପରିବାର ପେନସନ ଯୋଜନା, ଦୋକାନୀମାନଙ୍କୁ କିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିପାରିବ, ସେ ଦିଗରେ ବହୁ ଆଲୋଚନା କରିଥିଲେ । ଏତଦ୍‌ବ୍ୟତୀତ ସମ୍ବିଧାନର ଧାରା ୧୯ (୧) (ଛ)କୁ ପ୍ରତ୍ୟେକ ରାଜ୍ୟ କାର୍ଯ୍ୟକାରୀ କରି ଉଠାଦୋକାନୀ ଆଇନରେ ଥିବା ୨.୫ ଜମି ପ୍ରତ୍ୟେକ ଫୁଟପାଥକୁ ପ୍ରଦାନ କରିବା ପାଇଁ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇ.ଜି.ଏସ୍.ଏସ୍.ର ଅର୍ବାନ ଟିମ୍ ଲିଡ଼ର ଅରବିନ୍ଦ ଉନେ ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନଙ୍କ ପାଇଁ ମାଷ୍ଟର ପ୍ଲାନ, ସିଟି ପ୍ଲାନ ଓ ଲୋକାଲ ପ୍ଲାନରେ ଉଠାଦୋକାନୀଙ୍କ ପାଇଁ ୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଦରକାର । ପ୍ଲାଷ୍ଟିକ ବୋତଲ, ବର୍ଜ୍ୟବସ୍ତୁ, ପରିବେଶ ପ୍ରଦୂଷଣ ଉପରେମ ମଧ୍ୟ ଆଲୋକପାତ କରିଥିଲେ । ଏହି ସର୍ବଭାରତୀୟ ସମ୍ମିଳନୀରେ ୨୮ଟି ରାଜ୍ୟରୁ ପାଖାପାଖି ୨୦୦ ପ୍ରତିନିଧି ଯୋଗ ଦେଇଥିଲେ ।

# ଜୟଦେବ ଭବନରେ ଡାର୍କ ଲାଇଟ୍ ଉତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସଂସ୍କୃତିକୁ ସୁରକ୍ଷା ଦେବା ଓ ପ୍ରଚାର କରିବା ପାଇଁ ଅଗ୍ରଣୀ ସାସ୍କୃତିକ ଅନୁଷ୍ଠାନ ଶିଳ୍ପୀକା ପକ୍ଷରୁ ଜୟଦେବ ଭବନଠାରେ ଡାର୍କ ଲାଇଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ନୃତ୍ୟ ଓ ଚିତ୍ରରେ କୃତି ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଳ୍ପୀକାର ସମ୍ପାଦକ ବାସୁଦେବ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଶିଳ୍ପପତି ରଜତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଏହି ଅବସରରେ ଅନୁଷ୍ଠିତ ନୃତ କାର୍ଯ୍ୟକ୍ରମକୁ ପାର୍ବତୀ ବାରିକ୍ ନିର୍ଦ୍ଦେଶନା ଦେଇଥିଲେ ।

# ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ, ୩ ଗିରଫ




କନ୍ଧମାଳ,(ସଂଦେଶ ବ୍ୟୁରୋ): ଦୀର୍ଘଦିନର ନିରବତା ପରେ କନ୍ଧମାଳରେ ପୁଣି ଗଞ୍ଜେଇ ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି । ବାରମ୍ବାର ପୁଲିସ ହାତରେ ଧରାପଡି ଜେଲ୍ ଯାଉଥିଲେ ବି ଗଞ୍ଜେଇ କାରବାର ଥମିବାର ନାଁ ଧରୁନାହିଁ । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଗୋଛାପଡା ପୁଲିସ ପକ୍ଷରୁ ବ୍ୟାପକ ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ତିନିଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନାଧିକାରୀ ରଞ୍ଜିତ କୁମାର ମୁନି ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ସହାୟତାରେ ରାକାଡି ଗ୍ରାମ ନିକଟସ୍ଥ ଶ୍ରାହାନୀ ଛକ ନିକଟରେ ଚଢ଼ଉ କରିଥିଲେ । ଏ ସମୟରେ ସେଠାରୁ ୩ କ୍ୱିଣ୍ଟାଲ୍ ୫୭ କିଲୋ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ପୁଲିସ ରାକାଡି ଗ୍ରାମର ସୁଧିର କହଁର, ଶିବରାମ କହଁର ଓ ନଳେନ୍ଦ୍ର କହଁରକୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଗୋଛାପଡା ପୁଲିସ ୩୪/୨୨ରେ ଏକ ମାମଲା ରୁଜୁକରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଅର୍ଥସେବା ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୌରସଂସ୍ଥା ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଅର୍ଥସେବାର ୧୯ ଜଣ ବରିଷ୍ଠ ଓ ଦକ୍ଷ ଅଧିକାରୀମାନଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇ ସେମାନଙ୍କୁ ପୌରସଂସ୍ଥା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ସଂପର୍କରେ କିପରି ଓ କେଉଁ ପ୍ରକାରରେ ହିସାବ ରଖିବେ ଏବଂ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଧାର୍ଯ୍ୟ ନିର୍ବାଚନୀ ଖର୍ଚ୍ଚଠାରୁ ଅଧିକ ଖର୍ଚ୍ଚ କଲେ କ'ଣ କରାଯିବ ସେ ସଂପର୍କରେ ବିସ୍ତୃତ ଭାବେ ତାଲିମ ଦିଆଯାଇଛି । ନିର୍ବାଚନ କମିଶନଙ୍କ ସଚିବ ଶ୍ରୀ ରବିନ୍ଦ୍ରନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଉପସ୍ଥିତ ରହି ଅଧିକାରୀମାନଙ୍କୁ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସଂପର୍କରେ ଅବଗତ କରାଇଥିଲେ ।

ଆସନ୍ତା ୧୫ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଆବଂଟିତ ହୋଇଥିବା ବିଭିନ୍ନ ଜିଲ୍ଲା ଗସ୍ତ କରି ସେମାନେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ । ପୌର ନିର୍ବାଚନ ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଯାବତୀୟ ଖର୍ଚ୍ଚର ହିସାବ କିତାବକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଏକ ରେଜିଷ୍ଟରରେ ଲିପିବଦ୍ଧ କରିବେ । ନିର୍ବାଚନରେ ପ୍ରାର୍ଥୀମାନେ କେତେ ସଂଖ୍ୟକ ଗାଡ଼ି ବ୍ୟବହାର କରୁଛନ୍ତି ଓ ବ୍ୟାନର-ପୋଷ୍ଟର ବାବଦର ଖର୍ଚ୍ଚ ସଂପୂର୍ଣ୍ଣ ଭାବେ ଏକ ରେଜିଷ୍ଟରରେ ଲିପିବଦ୍ଧ କରାଯିବା ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସେସବୁକୁ ତର୍ଜମା କରିବେ । ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିର୍ବାଚନୀ ଖର୍ଚ୍ଚ ଏବଂ ନିର୍ଦ୍ଧାରିତ ଗାଡ଼ିର ବ୍ୟବହାର, ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିର୍ବାଚନରେ ବ୍ୟବହାର କରୁଛନ୍ତି ନା ତା'ଠାରୁ ଅଧିକ ନିର୍ବାଚନୀ ଖର୍ଚ୍ଚ ଓ ଗାଡ଼ି ବ୍ୟବହାର କରୁଛନ୍ତି, ସେ ସଂପର୍କରେ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ତୀକ୍ଷ୍ଣ ଦୃଷ୍ଟିଦେବା ସହ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

### ଓଡ଼ିଶା ସ୍ୱରର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ

# ସାହିତ୍ୟିକମାନେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ: ପ୍ରସନ୍ନ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସାହିତ୍ୟିକମାନେ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ । ଅନ୍ୟାୟ, ଅନୀତି ବିରୋଧରେ ସେମାନେ ନିର୍ଭୀକଭାବେ ସ୍ୱରଉତ୍ତୋଳନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି ।

ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଶା ସ୍ୱର'ର ପଞ୍ଚଦଶତମ ବାର୍ଷିକ ଉତ୍ସବ ଏବଂ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ ଶନିବାର ସ୍ଥାନୀୟ ଜୟଦେବ ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ଉଦ୍‌ଘାଟନ କରି ପୂର୍ବତନମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ କହିଲେ ଯେ, ସାହିତ୍ୟ ଜୀବନରେ ଶାନ୍ତି ଆଣିଦେଇଥାଏ । ଓଡ଼ିଆ ଜାତିର ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହ ସାହିତ୍ୟିକମାନେ ନିର୍ଭୀକଭାବେ ଲେଖନୀ ଚାଳନା କରିବାକୁ ଆହ୍ୱାନ ଦେଇଛନ୍ତି । ହୀନମନ୍ୟତାରୁ ଦୂରରେ ରହି ଓଡ଼ିଆଜାତି ସର୍ବଭାରତୀୟସ୍ତରରେ ପ୍ରତିଭାର ପରିଚୟ ଦେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ ।

'ଓଡ଼ିଶା ସ୍ୱର'ର ସଭାପତି ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସମାଜକୁ ଗତିଶୀଳ କରାଇବାରେ ସାହିତ୍ୟିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ । ଏହି ଉତ୍ସବରେ ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶିକ୍ଷାବିତ୍ ତଥା ଆଞ୍ଚଳିକ ପ୍ରତିଷ୍ଠାନ ଭୁବନେଶ୍ୱରର ମୁଖ୍ୟ ଶକ୍ତିପ୍ରସାଦ ମିଶ୍ର, କବି ସୌଭାଗିନୀ ରାୟ ଓ ସମାଜସେବୀ ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସାହିତ୍ୟ ଓ ସମ୍ବାଦ ମଧ୍ୟରେ କ୍ରିୟାଶୀଳ ଓ ସୃଜନ ସମ୍ପର୍କ ରହିଛି । ସାହିତ୍ୟ ସମ୍ବାଦରୁ ଜୀବନୀ ଶକ୍ତି ସଂଗ୍ରହ କରେ । ସାହିତ୍ୟ ଓ ସମ୍ବାଦ ମଧ୍ୟରେ ରହିଥିବା ସମ୍ପର୍କକୁ ଆହୁରି ଋଦ୍ଧିମନ୍ତ କରିବାକୁ ବକ୍ତାମାନେ ମତପ୍ରକାଶ କରିଛନ୍ତି ।

ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ କସ୍ତୁରୀ ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୋଦିଙ୍କ ସୁଶାସନ ଓ ବିକାଶ ପ୍ରତି ପୁନଃ ଆସ୍ଥା ପ୍ରକଟ କରିଛନ୍ତି ୪ ରାଜ୍ୟବାସୀ : ସମୀର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭାରତୀୟ ଜନତା ପାର୍ଟି ଉପରେ ଆସ୍ଥା ପ୍ରକଟ କରିଛନ୍ତି ସଦ୍ୟ ସମାପ୍ତ ଚାରି ରାଜ୍ୟବାସୀ । ଏ ସମସ୍ତ ରାଜ୍ୟରେ ବିଜେପିକୁ ବିପୁଳ ସଂଖ୍ୟାରେ ଭୋଟ ମିଳିଛି । ବିଶେଷ ଭାବେ ଉତରପ୍ରଦେଶ ଏବଂ ଉତରାଖଣ୍ଡ ରାଜ୍ୟବାସୀ ଲଗାତାର ଭାବେ ବିଜେପିକୁ ଶାସନ କ୍ଷମତା ପ୍ରଦାନ କରି ନୂତନ ଇତିହାସ ସୃଷ୍ଟି କରିଛନ୍ତି ।କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର କାରଣରୁ ମୋଦି ସରକାରଙ୍କ ସୁଶାସନ, ବିକାଶ ଏବଂ ଜନକଲ୍ୟାଣ ଯୋଜନାଗୁଡିକ ସଠିକ୍ ଲାଭାର୍ଥୀଙ୍କ ପାଖରେ ପହଂଚିଥିବାରୁ ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି । ଏହି ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥି ସହ ବିଜେପି ବିଜୟ ଲାଭ କରିଥିବା ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମଣିପୁର ମୁଖ୍ୟମନ୍ତ୍ରୀ ଏନ.ବିରେନ୍ ସିଂହ ଏବଂ ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କୁ ମଧ୍ୟ ଶ୍ରୀ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି ।ଉତରପ୍ରଦେଶ ନିର୍ବାଚନ ଦାୟୀତ୍ୱରେ ଥିବା ଓଡିଆ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମଣିପୁର ନିର୍ବାଚନ ଦାୟୀତ୍ୱରେ ଥିବା ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ରଙ୍କୁ ମଧ୍ୟ ଏହି ଐତିହାସିକ ସଫଳତା ପାଇଁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଟାଟା ଷ୍ଟିଲ ଷଷ୍ଠ ସାହିତ୍ୟ ମହୋତ୍ସବକୁ ଉଦଘାଟନ କଲେ ପଦ୍ମ ବିଭୂଷଣ ରମାକାନ୍ତ ରଥ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସାହିତ୍ୟ ଓ ଆନୁଷଙ୍ଗିକ ସାଂସ୍କୃତିକ କାର୍ଯ୍ୟକଳାପ ଯଥା ସଙ୍ଗୀତ ଓ ଥିଏଟରକୁ ୨୦୨୨ ମାର୍ଚ୍ଚ ୧୧-୧୩ ପର୍ଯ୍ୟନ୍ତ ସପ୍ତାହନ୍ତରେ ପାଳନ କରିବାଲାଗି ଟାଟାଷ୍ଟିଲ୍ ଭୁବନେଶ୍ୱର ସାହିତ୍ୟ ମହୋତ୍ସବ ପ୍ରତ୍ୟାବର୍ତନ କରିଛି । ଟାଟାଷ୍ଟିଲ ଭୁବନେଶ୍ୱର ସାହିତ୍ୟ ମହୋତ୍ସବର ଷଷ୍ଠସଂସ୍କରଣକୁ ଏଥର ନୂତନ ସ୍ଥଳ "ଭୁବନେଶ୍ୱର କ୍ଲବ୍' ମିଳିଛି ଯେଉଁଠାରେ କ୍ଲବ୍ର ଟେନିସ୍ କୋର୍ଟରେ ମୁକ୍ତ ଆକାଶତଳେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୌମ୍ୟରଂଜନ ପଟ୍ଟନାୟକ, ଅଧ୍ୟକ୍ଷ, ସମ୍ବାଦ ଗ୍ରୁପ୍ ଓ ସମ୍ପାଦକ, ସମ୍ବାଦ, ଟାଟାଷ୍ଟିଲ୍ଇଣ୍ଡିଆ ଓ ସାଉଥ୍ ଏସିଆର କର୍ପୋରେଟ ଯୋଗାଯୋଗ ମୁଖ୍ୟ ସର୍ବେଶ କୁମାର ଓ ଭୁବନେଶ୍ୱର ସାହିତ୍ୟ ମହୋତ୍ସବର ନିର୍ଦ୍ଦେଶିକା ମାଳବିକା ବାନାର୍ଜୀଙ୍କ ଉପସ୍ଥିତିରେ ଓଡିଶାର ବିଶିଷ୍ଟ କବି ପଦ୍ମଭୂଷଣ ବିଜେତା ରମାକାନ୍ତ ରଥ ଏହି ମହୋତ୍ସବକୁ ଉଦଘାଟନ କରିଛନ୍ତି ।

ଉଦଘାଟନୀ ଦିବସରେ ଆଧୁନିକ ଦିନରେ ପୋଡକାଷ୍ଟ, ରେଡିଓ ଓ ଅଡିଓ-ବୁକ୍ସର ପ୍ରଭାବ ଉପରେ ସନ୍ଦୀପ ରାୟ, ତନୟା ପଟ୍ଟନାୟକ ଓ ରସ୍କିନ ବଣ୍ଡଙ୍କୁ ନେଇ ଗଭୀର ଆଲୋଚନା ଦେଖିବାକୁ ମିଳିଥିଲା । ବିଶିଷ୍ଟଲେଖକ ରାକେଶ ଖାନ୍ନା ନିଜ ସଦ୍ୟତମ ଉପନ୍ୟାସ "ଘୋଷ୍ଟ, ମୋନଷ୍ଟର୍ସ ଆଣ୍ଡ୍ ଡେମନ୍ସ ଅଫ୍ ଇଣ୍ଡିଆ' ବିଷୟରେ ଭାବନା ପରିପ୍ରକାଶ କରିଥିଲେ । ଲୋକପ୍ରିୟ ଷ୍ଟାଣ୍ଡ-ଅପ୍ କମେଡିଆନ୍ ଅଭିଜିତ ଗାଙ୍ଗୁଲିଙ୍କ ପ୍ରଦର୍ଶନ ସହିତ ସନ୍ଧ୍ୟାର କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଆଇ.ଏମ୍.ଏସ୍.ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜର ଜାତୀୟ ସେବା ଯୋଜନା ବିଭାଗ ଆନୁକୁଲ୍ୟରେ "ଗତ କାଲି, ଆଜି ଓ ଆସନ୍ତା କାଲିର ନାରୀ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଯୋଗ ଦେଇ ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସର ପୂର୍ବତନ ପ୍ରଫେସର ମୁରଲୀ ଦେସାଇ ନାରୀ ସୁରକ୍ଷା ଓ ସ୍ୱାଧୀନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା କାଲିର ସାମାଜକୁ ସୁସ୍ଥ, ସୁନ୍ଦର ଓ ଚିରସ୍ଥାୟୀ କରିବାକୁ ହେଲେ ନାରୀ ଶିକ୍ଷା ଉପରେ ପ୍ରାଧାନ୍ୟ ଦେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟତମ ଅତିଥିଭାବେ ଯୋଗ ଦେଇ ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ଗଣଯୋଗାଯୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଉଷା ରମଣ ଲିଙ୍ଗଗତ ଭେଦଭାବହୀନ ସମାଜ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗର ପ୍ରଫେସର ଡଃ ଏମ୍ ରାମୟା ନାରୀ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିଡିଆ ଏଣ୍ଡ୍ ଏଣ୍ଟରଟେନମେଣ୍ଟ କାଉନ୍‌ସିଲ୍‌ର ବାଣିଜ୍ୟ ଉନ୍ନୟନ ମୁଖ୍ୟ ରୋଶ୍‌ନି ସେହେଗାଲ, ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଏବଂ ପାଠ୍ୟ ସଂଯୋଜକ ଡଃ ଗାୟତ୍ରୀ ପଟ୍ଟନାୟ ମତବ୍ୟକ୍ତ କରିଥିଲେ । ସମାଜସେବା ବିଭାଗର ମୁଖ୍ୟ ତଥା ଜାତୀୟ ସେବା ଯୋଜନାର ସଂଯୋଜକ ରଘୁନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗର ବହୁ ଛାତ୍ରଛାତ୍ରୀ ଏହି ଭର୍ଚ୍ଚୁଆଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ମହିଳା ଦିବସରେ ଉର୍ମିଳାଙ୍କ କଳା ପ୍ରଦର୍ଶନୀ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ):ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଭୁବନେଶ୍ୱର କ୍ଲବରେ ଉର୍ମିଳାଙ୍କ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଯେହେତୁ ସାରା ବିଶ୍ୱରେ ମହିଳା ଏବଂ ମିଳିତ ଜାତିସଂଘ ମହିଳା ଦିବସକୁ ୮ ମାର୍ଚ୍ଚ, ୨୦୨୨ରେ ଏକ ସ୍ଥାୟୀ ଆସନ୍ତାକାଲି ପାଇଁ ଲିଙ୍ଗଗତ ସମାନତା ଥିମ୍ ସହିତ ପାଳନ କରେ । ସମ୍ମାନଜନକ ଭୁବନେଶ୍ୱର କ୍ଲବ ମଧ୍ୟ ମହିଳା ପ୍ରତିଭା ପ୍ରଦର୍ଶନ କରିଥିଲେ । ତାଙ୍କ କାର୍ଯ୍ୟ ସହିତ ନାରୀବାଦକୁ ପ୍ରତିଫଳିତ କରେ । ପୌରାଣିକ ପରି ସମସାମୟିକ ଥିମ୍ ଗୁଡ଼ିକ ମହିଳା ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ଉପନ୍ୟାସ ଏବଂ ଏହା ମହିଳାମାନଙ୍କ ପାଇଁ ଏକ ବଡ଼ ଉତ୍ସାହ । ଯେଉଁମାନେ ପ୍ରାୟତଃ ଅଜ୍ଞାତ ହୋଇଯାଆନ୍ତି । କଳା ପ୍ରଦର୍ଶନୀରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ବିଶାଲ ଦେବ, ଶ୍ରୀ ମହେନ୍ଦ୍ର ଗୁପ୍ତା, ଆଇଏଏସ୍ ଶ୍ରୀ ସଞ୍ଜୟ ସିଂ, ଆଇଏସ୍ ଶ୍ରୀ ଦିଲ୍ଲୀପ ରାଉତରାୟ, ଶ୍ରୀମତୀ ନମ୍ରତା ତ୍ରିପାଠୀ, ୟୁସିସିଆଇର ସଭାପତି ବ୍ରହ୍ମା ମିଶ୍ର ଓ ଉପସଭାପତି ଏ.କେ. ଶାରଦା ଉପସ୍ଥିତ ଥିଲେ ।

# ମଦର ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗତ ୮ ତାରିଖରେ ମହିଳା ଦିବସ ଅବସରରେ ଜଗନ୍ନାଥନଗର ମଦର ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଲକ୍ଷ୍ମୀସାଗର, ଝାରପଡ଼ା, ମଦର ପବ୍ଲିକ ସ୍କୁଲ, ରସୁଲଗଡ଼ ଯୋଗ କେନ୍ଦ୍ରଗୁଡ଼ିକର ଭଉଣୀମାନଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ଦିନଟିକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଇଛି । ଲକ୍ଷ୍ମୀସାଗର ଯୋଗକେନ୍ଦ୍ରର କୃଷ୍ଣା ଭଉଣୀଙ୍କ ଅଧ୍ୟକ୍ଷତାରେ ଏବଂ ସଂପାଦନା କରୁଥିବା ଯୋଗ ସାଧିକ ଭଉଣୀ ସ୍ନେହଲତା, ମାନସୀ, ଲକ୍ଷ୍ମୀପ୍ରିୟା, ମାନି, ସରୋଜିନୀ, ମଂଜୁ, ନିର୍ମଳା, ସ୍ୱପ୍ନା, ସେଲି ଭଉଣୀ ସମେତ ଆହୁରି ୫୦ ଜଣ ଭଉଣୀ ସମ୍ମିଳିତ ହୋଇ ଗୀତ, ନାଚ, ସୂର୍ଯ୍ୟ ନମସ୍କାର, ଡିବେଟ୍, ଯୋଗ ଡ୍ୟାନ୍ସ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ବିଶ୍ୱନାଥ ଜେନା, ରଣେନ୍ଦ୍ର ନାଥ ସେନାପତି, ଭଉଣୀ ମମତା ମହାନ୍ତି, ପ୍ରଭାତ ମାର୍ଥା,ଭାଇଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

# କୋସଲି ଭାଷା ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପଶ୍ଚିମ ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଦାବି ହେଉଛି କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା । ଯେଉଁ ମାନ୍ୟତା ପାଇଁ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ଦୀର୍ଘକାଳରୁ ସଂଘର୍ଷ କରି ଆସୁଛନ୍ତି । ମାତ୍ର ଦୁଃଖ ଓ କ୍ଷୋଭର ବିଷୟ ସେ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାର ଘୋର ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ଏକଥା ପ୍ରକାଶ ପାଇଛି ଏକ ପୁସ୍ତକ ଲୋକାର୍ପଣ ଉତ୍ସବରେ । ଏହି ପୁସ୍ତକ ଲୋକାର୍ପଣ ଉତ୍ସବ ଆଜି ପୂର୍ବାହ୍ନ ୧୧ ଘଟିକାରେ ଉତ୍କଳ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ ତଥା କୋସଲ ହେରିଟେଜ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଏକାଡ଼େମୀର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷତା କରି କୋସଲି ଭାଷାର ଉତ୍କର୍ଷ ଓ ପ୍ରାଚୀନତା ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ପ୍ରାଥମିକସ୍ତରରେ କୋସଲି ଭାଷାରେ ଶିକ୍ଷାଦାନ ହେଉନଥିବାରୁ ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କ ବୌଦ୍ଧିକ ବିକାଶ ହୋଇପାରୁ ନାହିଁ । ଓଡ଼ିଶାର ପ୍ରାୟ ଦୁଇକୋଟିରୁ ଅଧିକ ଲୋକ ଏହି ଭାଷା ବ୍ୟବହାର କରୁଥିବାରୁ ଏହାକୁ ଓଡ଼ିଶାର ଅନ୍ୟତମ ସରକାରୀ ଭାଷା ଭାବେ ସରକାର ଗ୍ରହଣ କରିବା ଉଚିତ୍ ବୋଲି ସେ ମନ୍ତବ୍ୟ ଦେଇଥିଲେ ।ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ହିନ୍ଦି, ଓଡ଼ିଆ ଏବଂ କୋସଲି ଭାଷାରେ 'ଅଦ୍ୱୟ ସିଦ୍ଧି', 'ମନଗହନ' ଓ 'ପ୍ରଜ୍ଞାଲୋକ' ନାମରେ ତିନୋଟି ପୁସ୍ତକ ଲୋକାର୍ପିତ ହୋଇଥିଲା ଯାହାର ପ୍ରକାଶକ ହେଉଛନ୍ତି କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ ।

# ୩୩ନଂ ୱାର୍ଡ଼ରେ ପୋଷ୍ଟର ଚିରାକୁ ନେଇ ବିଜେଡ଼ି-ବିଜେପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜଧାନୀରେ ପୌର ନିର୍ବାଚନ ପ୍ରଚାର ଜମି ଆସୁଥିବା ବେଳେ ରାଜନୈତିକ ହିଂସା ଘଟିଛି । ୩୩ ନଂ ୱାର୍ଡରେ ପୋଷ୍ଟର ଚିରାକୁ ନେଇ ବିଜେଡ଼ି-ବିଜେପି କର୍ମୀଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଛି । ବିଜେପି କର୍ମୀମାନେ ସଂଘବଦ୍ଧ ଭାବେ ବିଜେଡ଼ି କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ କରିଛି ବିଜେଡ଼ି । ବିଜେପି କର୍ମୀମାନେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ବିଜେଡ଼ି ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସମସ୍ତେ ଏବେ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଖବର ମିଳିଛି । ଏଣେ ତା' ପୂର୍ବଦିନ ବିଳମ୍ବିତ ରାତିରେ ୪୫ ନମ୍ବର ୱାର୍ଡର ଜନୈକ କର୍ପୋରେଟର ପ୍ରାର୍ଥୀଙ୍କ ସମର୍ଥକଙ୍କୁ ବିପକ୍ଷ ଗୋଷ୍ଠୀ ବୀଭତ୍ସ ଭାବେ ହାଣି ପକାଇଛନ୍ତି । ତାଙ୍କ ପରିଚୟ ମିଳି ପାରିନାହିଁ । ବଡ଼ଗଡ଼ କେନାଲ ରୋଡରେ ଏହି ଘଟଣା ଘଟିଛି । ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କର ଶହ ଶହ ସମର୍ଥକ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି । ଲକ୍ଷ୍ମୀସାଗର ଥାନା ପୁଲିସ ଦୁର୍ବୃତ୍ତମାନଙ୍କୁ ଠାବ କରିବାକୁ ତଦନ୍ତ ଆରମ୍ଭ କରିଥିବା ବେଳେ ଗଣ୍ଡଗୋଳ ନିୟନ୍ତ୍ରଣ ପାଇଁ ଉଦ୍ୟମ ଆରମ୍ଭ କରିଛି ।

# ପୌର ନିର୍ବାଚନ: ୨୨ ଜଣ ମେୟର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି । ଏହା ମଧ୍ୟରେ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ସରିଥିବାବେଳେ ନିକଟରେ ଆସିଛି ନାମାଙ୍କନ ପତ୍ର ଯାଞ୍ଚ ଫଳାଫଳ ।

ପୌର ନିର୍ବାଚନ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ର ମଧ୍ୟରୁ ମେୟର ପଦବୀ ପାଇଁ ଆବେଦନ କରିଥିବା ୨୨ ପ୍ରାର୍ଥୀଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଛି । ସେହିପରି କାଉନସିଲର/କର୍ପୋରେଟର ପଦବୀ ପାଇଁ ଆବେଦନ କରିଥିବା ୭୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି ।

ଉଲ୍ଲେଖଯୋଗ୍ୟ, ଆସନ୍ତା ମାର୍ଚ୍ଚ ୨୪ରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଯାଉଛି । ୧୦୬ ଏନଏସି/ ଏବଂ ୩ ମହାନଗର ନିଗମ ପାଇଁ ନିର୍ବାଚନ ହେବ ।



ମନୋଜବଂ
ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ଵାତ୍ମଜଂ ବାନରଯୁଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

# ଯୁଦ୍ଧ ଓ ଦରଦାମ୍

ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆଜି ପନ୍ଦର ଦିନରେ ପହଁଚିଛି। ତେବେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ କେବେ ବନ୍ଦ ହେବ, ତାହା ଆକଳନ କରିବା ଅତ୍ୟନ୍ତ ତରବରିଆ ହେବ। ଅବଶ୍ୟ ଯୁଦ୍ଧ ବନ୍ଦ ପାଇଁ ରୁଷର ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ଚାରୋଟି ସର୍ତ ଦେଇଛନ୍ତି । ରିପୋର୍ଟ ପ୍ରକାଶ ପାଇଛି, ଚଉଦ ଦିନର ଯୁଦ୍ଧର ବିଭିଷିକା ପରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଜମିର ଜେଲେନସ୍କି ନରମି ଯାଇଛନ୍ତି। ମାତ୍ର ସର୍ତ୍ତ କେତେଦୂର ଗ୍ରହଣ କରିବେ, ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ନିଶ୍ଚିତ ଯୁଦ୍ଧ ଯୋଗୁଁ ଧ୍ୱସବିଧ୍ୱସ୍ତ ହୋଇଯାଇଥିବାବେଳେ ରୁଷର ଅର୍ଥନୀତି ଏକ ପ୍ରକାର ଭୁଷୁଡି ପଡିଲାଣି। ଏକଦା ବିଶ୍ୱର ସବୁଠୁ ସୌନ୍ଦର୍ଯ୍ୟମୟୀ ଦେଶ ଭାବେ ଗୌରବ ଅର୍ଜନ କରିଥିବା ୟୁକ୍ରେନ ରୁଷର କ୍ଷେପଣାସ୍ତ୍ର, ରକେଟ ଓ ବୋମାମାଡରେ ଶ୍ରୀହୀନ ହୋଇପଡିଛି। କେବଳ ଏତିକି ନୁହେଁ, ବିଶ୍ୱକୁ ଗହମ, ଖାଇବା ତେଲ ଯୋଗାଣକାରୀ ପ୍ରମୁଖ ରାଷ୍ଟ୍ରର ମାନ୍ୟତା ପାଇଥିବା ୟୁକ୍ରେନର ଜନସାଧାରଣ ଏବେ ଗୁରୁତ୍ୱର ଖାଦ୍ୟ ସଂକଟର ସମ୍ମୁଖୀନ। ରୁଷର ଆଭ୍ୟନ୍ତରୀଣ ଅବସ୍ଥା ମଧ୍ୟ କିଛି କମ୍ ସଂକଟାପନ୍ନ ନୁହେଁ। ଦରଦାମ ମଧ୍ୟ ଆକାଶ ଛୁଆଁ। ଯେଉଁଥିପାଇଁ କି କଠୋର ସତ୍ୱେ ରୁଷର ଜନସାଧାରଣ ରାଜରାସ୍ତାକୁ ଆସସି ପୁଟିନ ପ୍ରଶାସନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରି ସ୍ୱେଚ୍ଛାକୃତ କାରାବାରଣ କରୁଛନ୍ତି। ଅନ୍ୟପକ୍ଷରେ ଏକତରଫା ଯୁଦ୍ଧ ଘୋଷଣା ଯୋଗୁଁ ୟୁରୋପୀୟ ରାଷ୍ଟ୍ର ସମୁହ ସମେତ ଆମେରିକା ଏବଂ ବିଶ୍ୱର ବହୁ ରାଷ୍ଟ୍ର ରୁଷ ଉପରେ ଆର୍ଥୀକ କଟକଣା ଜାରି କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ରୁଷ ଏବେ ବିଶ୍ୱରେ ପ୍ରାୟତଃ ଏକଘରକିଆ ହୋଇଛି। ଯୁଦ୍ଧ ଯୋଗୁଁ ସର୍ବାଧିକ କଟକଣାର ସମ୍ମୁଖୀନ ହୋଇଛି ରୁଷ। ଗତ ଦୁଇ ସପ୍ତାହ ମଧ୍ୟରେ ଏବେ ପରିମାଣର କଟକଣା, ପ୍ରତିବନ୍ଧକ ଲାଗିଛି ଯେ, ରୁଷ ଏ କ୍ଷେତ୍ରରେ ବିଶ୍ୱରେ ଏବେ ଶୀର୍ଷ ସ୍ଥାନ ଅଧିକାର କରିଛି। ରୁଷ ବିରୁଦ୍ଧରେ ମୋଟ ୫୫୩୨ କଟକଣା ଲାଗୁ ହେଲାଣି। କ୍ଷେପଣାସ୍ତ୍ର, ରକେଟ, ବୋମାମାଡରେ ୟୁକ୍ରେନର ଯେତିକି କ୍ଷତି ଘଟିଛି। କଟକଣା ପ୍ରତିବନ୍ଧକ ଯୋଗୁଁ ରୁଷ ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା କହୁଯାଏ। ଅନ୍ୟପକ୍ଷରେ ଯୁଦ୍ଧ ଯୋଗୁଁ କେବଳ ରୁଷ-ୟୁକ୍ରେନ କ୍ଷତିଗ୍ରସ୍ତ ହୋଇନାହାଁନ୍ତି। ଏହାର ପ୍ରଭାବ ଏବେ ବିଶ୍ୱ ଉପରେ ପଡିଛି । ଭାରତ, ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନ ସମେତ ବିଶ୍ୱର ସମସ୍ତ ରାଷ୍ଟ୍ର ଉପରେ ଉଣା-ଅଧିକ ଯୁଦ୍ଧର ପ୍ରଭାବ ଅନୁଭୂତ ହେଲାଣି। ଆମ ଦେଶରେ ଖାଇବା ତେଲରେ ଅଭାବ ପଡିନଥିଲେ ଏବେ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଖାଇବା ତେଲର ଉତ୍କଟ ଅଭାବ ଆଉ ବେଶୀ ଦୂର ନୁହେଁ ବୋଲି ବିଶାରଦମାନେ ମତ ଦେଇ ସାରିଲେଣି। ଖାଇବା ତେଲର ଦରବୃଦ୍ଧି ଏବଂ ଅଭାବ ପଡିବା ଆଶଙ୍କା ଯୋଗୁଁ ଲୋକେ ଏବେ ଆବଶ୍ୟକତା ଠାରୁ ଅଧିକ ପରିମାଣର ତେଲ ଉଚ୍ଚା ଦରରେ ସାଇତିବା ଆରମ୍ଭ କଲେଣି। ଯେଉଁଥିପାଇଁ କି ଏବେ ହାଟ ବଜାରରେ ପ୍ରବଳ ଭିଡ ଲକ୍ଷ୍ୟ କରାଯାଏ। ଯୁଦ୍ଧ ଆଉ କିଛି ଦିନ ଲାଗି ରହିଲେ କେବଳ ଖାଇବା ତେଲ ନୁହେଁ, ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସହ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଉତ୍କଟ ଅଭାବ ପଡିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଉଭୟ ରୁଷ ଓ ୟୁକ୍ରେନ ଗହମ, ଖାଇବା ତେଲ ଏବଂ ଅଶୋଧିତ ତୈଳର ପ୍ରମୁଖ ଯୋଗାଣକାରୀ ରାଷ୍ଟ୍ର ଭାବେ ପରିଚିତ। ରୁଷରୁ ଅଶୋଧିତ ତୈଳ ଆମଦାନୀ ଉପରେ ନିଷେଧଦେଶ ଲାଗୁ କରିବାକୁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ସମୁହ ଏବେ ଚିନ୍ତା କରୁଥିବା ଜଣାପଡିବା ରୁଷ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇପଡିଛି। ଅଶୋଧିତ ତୈଳ ବ୍ୟାରେଲ ପିଛା ମୂଲ୍ୟ ୩୦୦ ଡଲାରକୁ ବୃଦ୍ଧି କରିବାକୁ ଧମକ ଦେଇଛି। ଯାହାର ପ୍ରଭାବ ସ୍ୱରୁପ ବିଶ୍ୱରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ସଂକଟ ସୃଷ୍ଟି ହେବା ସହ ମୂଲ୍ୟ ମଧ୍ୟ ଆଶାତୀତ ବୃଦ୍ଧି ପାଇବ। ଯୁଦ୍ଧର ପ୍ରଭାବ ଏବେ ଆମ ଦେଶରେ ପଡିଛି। ଗୋଟିଏ ପଟେ ଖାଇବା ତେଲର ମୂଲ୍ୟ ଲିଟର ପିଛା ମୂଲ୍ୟ ୪୦ ରୁ ୫୦ ଟଙ୍କା ବୃଦ୍ଧି ପାଇଥିବାବେଳେ ଯେକୌଣସି ସମୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦର ବିସ୍ଫୋରକ ରୁପ ନେଇପାରେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ଏବେ ୧୪୦ ଡଲାରରେ ପହଁଚିଗଲାଣି, ଯାହାକି ଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ।

## ନୀତିବାଣୀ

ଦ୍ରୋଣ ଓ ଧରା ବ୍ରହ୍ମାଙ୍କ ଠାରୁ ଏହି ବର ପ୍ରାପ୍ୟ ହେଲେ ଯେ, ଭବିଷ୍ୟତରେ ଯେତେବେଳେ ଏ ବ୍ରହ୍ମାଣ୍ଡରେ ସେମାନେ ଜନ୍ମଲାଭ କରିବେ, ସେତେବେଳେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ଅତ୍ୟନ୍ତ ଆକର୍ଷଣୀୟ ବାଲ୍ୟ ଲୀଳାଦ୍ୱାରା ସେମାନଙ୍କୁ ଆକୃଷ୍ଟ କରିବେ । ଶ୍ରୀକୃଷ୍ଣଙ୍କର ଦିବ୍ୟବାଲ୍ୟଲୀଳା ସେମାନଙ୍କର ଧ୍ୟାନ ଧାରଣାର ବସ୍ତୁହେବ। ଶ୍ରୀକୃଷ୍ଣଙ୍କ ସହିତ ସେମାନଙ୍କର ବ୍ୟବହାର କାହାଣୀ ଏତେ ଶକ୍ତିଶାଳୀ ଯେ, ଯେଉଁ ବ୍ୟକ୍ତି କେବଳ ଶ୍ରୀକୃଷ୍ଣଙ୍କର ସେ ବାଲ୍ୟଲୀଳା କାହାଣୀ ଶୁଣିବ, ସେ ଖୁବ୍ ସହଜରେ ଜନ୍ମ ମୃତ୍ୟୁ ରୂପକ ଅବିଦ୍ୟାରୁ ମୁକ୍ତ ହୋଇଯିବ । ସେମାନଙ୍କୁ ଏଇ ବର ଦେବାକୁ ବ୍ରହ୍ମାଜୀ ରାଜି ହୋଇଗଲେ, ଫଳତଃ ସେଇ ଦ୍ରୋଣ ନନ୍ଦ ମହାରାଜ ରୂପରେ ଓ "ଧରା" ତାଙ୍କ ସ୍ତ୍ରୀ, ମାଆ ଯଶୋଦା ରୂପରେ ବୃନ୍ଦାବନରେ ଆବିର୍ଭୁତ ହେଲେ । ଏହି ପ୍ରକାରେ ନନ୍ଦ ମହାରାଜ ଏବଂ ତାଙ୍କ ସ୍ତ୍ରୀ ମାଆ ଯଶୋଦା ଭଗବାନଙ୍କୁ ସେମାନଙ୍କ ପୁତ୍ର ରୂପେ ଲାଭ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶୁଦ୍ଧଭକ୍ତି ବୃଦ୍ଧି କଲେ । ସମସ୍ତ ଗୋପାଳ ଓ ଗୋପୀବୃନ୍ଦ ଯେଉଁମାନେ ଭଗବାନ ଶ୍ରୀକୃଷ୍ଣଙ୍କର ନିତ୍ୟ ସହଯୋଗୀ ସ୍ୱଭାବତଃ ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କ ବିଭିନ୍ନ ଭାବ ଓ ପ୍ରେମ ବୃଦ୍ଧି କରିବାକୁ ଲାଗିଲେ ।

ତେଣୁ ବ୍ରହ୍ମାଙ୍କ ବର ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପ୍ରତ୍ୟକ୍ଷାଂଶ (ସ୍ୱାଂଶ) ବଳରାମଙ୍କ ସହିତ ଆବିର୍ଭୁତ ହେଲେ ଏବଂ ବୃନ୍ଦାବନର ଅଧିବାସୀମାନଙ୍କର ଦିବ୍ୟ ଆନନ୍ଦବୃଦ୍ଧି ନିମିତ୍ତ ସମସ୍ତ ପ୍ରକାର ବାଲ୍ୟଲୀଳା ପ୍ରଦର୍ଶନ କଲେ ।

# 'ଅଶୋକ ଦାସ' ଦି ଗ୍ରେଟ୍



ପ୍ରଦୀପ ସେନାପତି
ରାଜ୍ୟ ସଭାପତି
ଅଶୋକ ଦାସ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି
ପୂର୍ବତନ ରାଜ୍ୟ ସଭାପତି, ଯୁବ ଜନତା ଦଳ (ଏସ୍)
ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨
ମୋ : ୯୪୩୮୪୪୬୫୭୫

"ଜୀବନଟା ନୁହେଁ ଜନ୍ମରୁ ମରଣ
ଗୋଟିଏ ସରଳ ରେଖା
ଜୀବନ ପଥରେ କେତେ ଝଡ଼ଝଞ୍ଜା
କେତେ
ପୁଣି ଅଙ୍କାବଙ୍କା, ନୁହେଁ ସେ ସରଳ
ରେଖା"

ସମସ୍ତ ମନୁଷ୍ୟ ଜଗତ ପାଇଁ ଏହା ପ୍ରଯୁଜ୍ୟ ଅଟେ। ମନୁଷ୍ୟ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅତିବାହିତ ହୋଇଯାଇଥିବା ତା'ର ଜୀବନର କାର୍ଯ୍ୟକଳାପ ମଧ୍ୟରେ ବହୁରୂପୀ ଅଭିନୟ ସାରି ଶେଷରେ ତାର ନାଟକ ସମାପ୍ତ ହୁଏ। ତାର କଳାକୃତିକୁ ନେଇ ମନୁଷ୍ୟ ଜଗତ ମନୁଷ୍ୟକୁ ମନେ ପକାନ୍ତି। ତନ୍ମଧ୍ୟରୁ କେତେକାଂଶରେ ମୃତ୍ୟୁ ପରେ ମଧ୍ୟ ସେ ଅମରଆତ୍ମା ହୋଇଯାଇଥିବା ବେଳେ ଆଉ ଅନ୍ୟ କେତେକାଂଶରେ ଭୂତ ସଦୃଶ ହୋଇ ବା ଆତଙ୍କ ନାମରେ ତାର ପରିଚୟ ଲିପିବଦ୍ଧ ହୋଇ ରହିଯାଏ। ଏ କଳକୀ ଯୁଗରେ ଏହିଭଳି ମାନଙ୍କର ସଂଖ୍ୟା ବେଶ୍ ଅଧିକ ମାତ୍ରାରେ ଜୀବନଟାକୁ କୁକର୍ମରେ ଲିପ୍ତ ରଖିବା ପାଇଁ ଆଦର୍ଶ ମନେ କରନ୍ତି। ଯୁଗପୋଯୋଗୀ ଯୋଗଜନ୍ମିତ ପୁରୁଷଙ୍କ ସଂଖ୍ୟା ଏମାନଙ୍କ ତୁଳନାରେ ବହୁ ସଂଖ୍ୟାରେ ସଂଖ୍ୟାଲଘୁ ଅଟନ୍ତି। ଆଜି ଏହିମାନଙ୍କ ମଧ୍ୟରୁ ଅନ୍ୟ ଜଣେ ଓଡ଼ିଶା ମାତାର ଜନପ୍ରିୟ ପୁରୁଷ, ଓଡ଼ିଆ ରାଜନୈତିକ ଚଳଚ୍ଚିତ୍ର ଜଗତର ନମ୍ବର ୱାନ୍, ସୁପର ଡୁପର ଷ୍ଟାର, ଓଡ଼ିଶା ବିଧାନସଭାର ମହାନୁଭବୀ ଅଭିଜ୍ଞତା ସମ୍ପନ୍ନ, ସମସ୍ତଙ୍କର ଆଦରଣୀୟ, ପ୍ରିୟଭାଜନ, ଜନମାନସର ବରିଷ୍ଠ ବ୍ୟକ୍ତିତ୍ୱ, ମୋର ରାଜନୈତିକ ଜୀବନର ମୁକସାକ୍ଷୀ, ମୁଖ୍ୟ ଉପଦେଷ୍ଟା 'ଅଶୋକ ଦାସ' ଅନ୍ୟତମ। 'ଅଶୋକ ଦାସ ଦି ଗ୍ରେଟ୍ ମୋ ପାଇଁ ବେଷ୍ଟ'। ତାଙ୍କରି ଗୋଟିଏ ଦିଗନ୍ତ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବି। ଥରେ ଜନତା ଦଳ (ଏସ୍) ଭୁବନେଶ୍ୱର ଫରେଷ୍ଟ ପାର୍କସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଠାରେ ୬୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ଆମକୁ ଏକ ମର୍ମସ୍ପର୍ଶୀ ଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଗଣମାଧ୍ୟମର ବହୁ ବନ୍ଧୁମାନେ ମଧ୍ୟ ଉପସ୍ଥିତ ଥାଆନ୍ତି। ଏଥିରେ ତାଙ୍କର ଗରମାଗରମ, ହୃଦୟସ୍ପର୍ଶୀ ବେଦନା ଜାଗ୍ରତ ହୋଇଗଲେ। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ସଂଗ୍ରାମୀ, ମହାପୁରୁଷ, 'ସୁଭାସ ବୋଷ'ଙ୍କର ମୁଁ ହେଉଛି ସ୍ୱାଧୀନତା ସଂଗ୍ରାମର ଦାୟାଦ। ମୁଁ ହୃଦୟର ସହିତ ତାଙ୍କର ଆଦର୍ଶକୁ ଗ୍ରହଣ କରିଛି। ତେବେ ସେ ଆଉ ପଦେ ଆଗେଇଯାଇ କହିଲେ, ମୁଁ ଯଦି ତିନିଶହ ବର୍ଷ ପୂର୍ବରୁ ଜନ୍ମ ନେଇଥାନ୍ତି, ତେବେ ଭାରତକୁ ସ୍ୱାଧୀନତାର ଆନ୍ଦୋଳନ ପାଇଁ ସଂଗ୍ରାମ କରିବାକୁ ପଡ଼ିନଥାନ୍ତା କି ଅକାଳରେ ନିରୀହ, ସରଳ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଜୀବନଟା ବଳି ଦେବାକୁ ପଡ଼ିନଥାନ୍ତା। 'ଅଶୋକ ଦାସ ଦି ଗ୍ରେଟ୍'। ଅଶୋକ ଦାସ ଏକୁଟିଆ ହିଁ ସଫିସେଣ୍ଟ (Sufficient)। ଏପରିକି ସେହି ଭାଷଣ ଏତେମାତ୍ରାରେ ଉତ୍କ୍ଷିପ୍ତ ଥିଲା ଯେ, ଇଂରେଜ ମାନଙ୍କୁ ଭାଷା ଅଭାଷାରେ ଗାଳିଦେବାକୁ ପଛାଇ ନଥିଲେ। ଆମେ ସେହି ମର୍ମସ୍ପର୍ଶୀ ଭାଷଣ ଶୁଣିଲା ପରେ ଆମର ମଧ୍ୟ ରୁମ୍ ଟାଙ୍ଗୁରି ଉଠିଥିଲା। ସେ ଆହୁରି ଗାମ୍ଭୀର୍ଯ୍ୟ ଗଳାରେ କହିଲେ, ଯାହା ତ ହେବାର ହେଲା, ସର୍ବଶେଷରେ ମୋର ଜମି ଗୁଡିକୁ ମଧ୍ୟ ଭାଗ ଭାଗ କରି ନେଇଗଲେ। ସେଠାରେ ଉପସ୍ଥିତ ଥିବା ସାମ୍ବାଦିକ ବନ୍ଧୁମାନେ କିଛି ବୁଝିପାରିଲେ ନାହିଁ। ସଙ୍ଗେ ସଙ୍ଗେ ସାମ୍ବାଦିକ ବନ୍ଧୁମାନେ ପଚାରିଲେ, 'ଅଶୋକ ଭାଇ' ଆପଣଙ୍କର କେଉଁ ଜମି ଏବଂ କିଏ ନେଇଗଲେ? ସଂକ୍ଷିପ୍ତ ଉତ୍ତରଟି 'ପାକିସ୍ତାନ'। ଅର୍ଥାତ୍ ପାକିସ୍ତାନ ନାମରେ ନୂତନ ଦେଶ ଗଠନ କରି ମୋର ଜମିକୁ ଭାଗ ଭାଗ କରି ଦାନ ସ୍ୱରୂପ ସେମାନଙ୍କୁ ଦେଇଦେଲେ। ମୁଁ ଯଦି ସେହି ସମୟରେ ସେଠାରେ ଥାଆନ୍ତି, କସ୍ମିନକାଳେ ଅଖଣ୍ଡ ଭାରତବର୍ଷକୁ ଖଣ୍ଡ ଖଣ୍ଡ କରିବାକୁ ଦେଇନଥାନ୍ତି। ଏବେ ପୁଣି ଜାମ୍ମୁ କାଶ୍ମୀରକୁ ଦଖଲ କରିବା ପାଇଁ ପାକିସ୍ତାନ ତିନି ତିନିଥର ଯୁଦ୍ଧ କରି ପରାସ୍ତ ହୋଇଯାଇଥିବା ବେଳେ ସାମନା କରିବାକୁ ତାର ସତ୍‌ସାହସ ନାହିଁ। ପଛରୁ ଛୁରା ମାରି ହିଞ୍ଜଡ଼ା ଆତଙ୍କବାଦୀ ମାନଙ୍କୁ ସୀମାକୁ ପଠାଇ ଅନବରତ ଅଶାନ୍ତି ସୃଷ୍ଟି କରି ଚାଲିଛି। ଯାହାକି ଆମର ସୀମାରେ ଥିବା ଜବାନମାନେ ଅକାରଣରେ, ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏପରି କ୍ଷେତ୍ରରେ ମୋର ଧୈର୍ଯ୍ୟହରା ହୋଇଗଲାଣି। ସାମ୍ବାଦିକମାନେ ପୁଣି ପଚାରିଲେ, ଆପଣ ଏ କ୍ଷେତ୍ରରେ କ'ଣ ବା କରିପାରିବେ? 'ଅଶୋକ ଦାସ' ରାଗିଯାଇ କହିଲେ, କ'ଣ କରିପାରିବି? ମୋତେ ଯଦି ଆପଣମାନେ ଗୋଟିଏ ଦିନ ପାଇଁ ପ୍ରଧାନମନ୍ତ୍ରୀ କରିଦେଇପାରିବେ, ସେହିଦିନ ପାକିସ୍ତାନର ଘରେ ପଶି ଧୂଳିସାତ୍ କରିଦେବି ଏବଂ ଅଖଣ୍ଡ ଭାରତବର୍ଷ ମୋର ହୃଦୟ ଭିତରେ ଥିବା ସ୍ୱପ୍ନକୁ ସାକର କରିବି। ପୁନର୍ବାର ପାକିସ୍ତାନକୁ ହିନ୍ଦୁସ୍ତାନରେ ମିଶାଇଦେବି। ବିଶ୍ୱର ମାନଚିତ୍ରରୁ ପାକିସ୍ତାନର ନାଁ, ଖାତା, ଖତିଆନା ଉପାଡ଼ି ଫିଙ୍ଗିଦେବି। ଏହା ଥିଲା 'ଅଶୋକ ଦାସ'ଙ୍କର ସୁଭାଷ ବୋଷଙ୍କ ଠାରୁ ପାଇଥିବା ପ୍ରେରଣା ଓ ଦେଶଭକ୍ତିର ଏକ ଜ୍ୱଳନ୍ତ ଉଦାହରଣ। ଆମେ ତାଙ୍କରି ରାଜନୈତିକ ପଟ୍ଟଶିଷ୍ୟ ଭାବରେ ଆଜିର ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟରେ ପ୍ରତ୍ୟେକ ଦିନ ଯେଭଳି ଘଟଣା, ଦୁର୍ଘଟଣା ଘଟିଚାଲିଛି, ତାହା ଆତ୍ମମାନଙ୍କୁ ବ୍ୟଥିତ କରୁଛି। 'ଅଶୋକ ବାବୁ'ଙ୍କ ଭଳି ଓଡ଼ିଶାରେ ଏହିଭଳି ଜଣେ ଜଣେ ସଚ୍ଚୋଟ ରାଜନୈତିକ ଯୋଦ୍ଧା ବାହାରିବା ପାଇଁ ମୋ ରାଜ୍ୟର ଯୁବକମାନଙ୍କୁ ଆହ୍ୱାନ କରୁଛି। ସରକାରୀ ଅଫିସ୍‌ରେ ତଳ ଠାରୁ ଧଳା ହାତୀ ପର୍ଯ୍ୟନ୍ତ ସେମାନଙ୍କର ଯେଉଁଭଳି ଭାବରେ ପ୍ରାଦୁର୍ଭାବ ଆଜି ବଢ଼ି ବଢ଼ି ଚାଲିଛି, ତାହା ସାଧାରଣରେ କାହାକୁ ଅଛପା ନାହିଁ। ନିରୀହ, ଗରିବ ଜନସାଧାରଣ ଆଜି ତ୍ରାହି ତ୍ରାହି ଡ଼ାକୁଛନ୍ତି। ପୋଲିସ୍ ମଧ୍ୟ ସରକାରୀ ଦଳର ଗୁଣ୍ଡା ସାଜିଛନ୍ତି। ଜନମଙ୍ଗଳ ରାଜ୍ୟରେ ଗରୀବମାନଙ୍କର ସ୍ୱାଧୀନତାର ସ୍ୱାଦ ଆଜି ଫିକା ପଡ଼ିଗଲାଣି। ସେମାନଙ୍କର ନ୍ୟାୟ, ନ୍ୟାର୍ଯ୍ୟପ୍ରାପ୍ୟ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସତେ ଯେପରି ତାଙ୍କର ବାପା, ମାଆ ବୋଲି କେହି ନାହାଁନ୍ତି। ଏପରି କ୍ଷେତ୍ରରେ 'ଅଶୋକ ଦାସ'ଙ୍କ କଥା ମନେ ପକାଇ ସ୍ମରଣ କରୁଛି ଯେ ପ୍ରକୃତରେ ଏହି ନେତାମାନଙ୍କର ଅନୁପସ୍ଥିତି ଯୋଗୁଁ ସେମାନେ ଏପରି ଦୁଷ୍କର୍ମ କରିବାକୁ ସାହାସ କରୁଛନ୍ତି। ଗଣତନ୍ତ୍ରକୁ ଆଜି ଦେବାଳିଆ, ଗଣତନ୍ତ୍ରକୁ ଆଜି ରୋଗାକ୍ରାନ୍ତ, ସରକାରର ମୁଖିଆ ଆଜି କୋମାରେ ପୀଡ଼ିତ। ଅଶୋକ ଦାସଙ୍କ ସୁପୁତ୍ର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରୀ ଦଳର 'ଯୁବରାଜ' ସାଜିଛନ୍ତି। ତେବେ ଅଶୋକ ଦାସଙ୍କୁ ମୁଁ ସ୍ମରଣ କରୁଛି, ପ୍ରାର୍ଥନା କରୁଛି ଯେ, ଆପଣଙ୍କ ଚରିତ୍ରକୁ ଚରିତାର୍ଥ କରିବା ପାଇଁ ମାତ୍ର ଏକ ପ୍ରତିଶତ ଦାନ ପ୍ରଦାନ କରନ୍ତୁ, ସେମାନେ ପରିବର୍ତ୍ତନ ହୋଇ ଯାଆନ୍ତୁ। ନଚେତ କସ୍ମିନ କାଳେ ଇତିହାସ କେବେ ତାଙ୍କୁ କ୍ଷମା ଦେବ ନାହିଁ। ଶେଷରେ ଆଜିର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଥିବା ହୃଦୟର ସହିତ ଭକ୍ତି ପ୍ରଣିପାତ ଅର୍ପଣ କରୁଛି।

ଜୟ ଓଡ଼ିଶା, ଜୟ ଅଶୋକ



୧୫ ମାର୍ଚ୍ଚ ୮୦ତମ ଜୟନ୍ତୀ ଉପଲକ୍ଷେ

# ଐତିହାସିକ ନିର୍ବାଚନ ୨୦୨୨

ସୁଜାତା ସାବତ ପାଢ଼ୀ
ମୋ-୮୮୯୫୫ ୮୦୮୨୧

ନିର୍ବାଚନ ଭାରତ ବର୍ଷର ଏକ ନିରନ୍ତର ପ୍ରକ୍ରିୟା । ଆଜି ଏ ରାଜ୍ୟରେ ତ ଆଉ ଏକ ବର୍ଷରେ ଅନ୍ୟ ଏକ ରାଜ୍ୟରେ । କେଉଁଠି ପଂଚାୟତ କେଉଁଠି ପୌର ନିର୍ବାଚନ । ଲୋକସଭା ରାଜ୍ୟସଭା ଆଦି ରୀତିମତ ଗଣତାନ୍ତ୍ରିକ ପ୍ରକ୍ରିୟା ଚାଲୁ ରହିଥାଏ । ତେବେ ୨୦୨୨ ନିର୍ବାଚନ ଐତିହାସିକ କାହିଁକି ? ପ୍ରଥମତଃ କୋରନା ଫଳରେ ଦେଢବର୍ଷ ଏକ ପ୍ରକାର ସ୍ଥାଣୁ ପରିବେଶ ମଧ୍ୟରେ ନିର୍ବାଚନ ପାଖେଇ ଆସିଥିଲା । ୨୦୨୨ ବର୍ଷରେ ତାରିଖ ଘୋଷଣା ପରେ ଜାତୀୟ ଓ ଆଂଚଳିକ ଦଳ ମାନଙ୍କୁ ଫୁର୍‌ସତ ନଥିଲା । ସମସ୍ତେ ଅଂଟାଭିଡି ନେଇଥିଲେ ଯେଣେତେଣ ପ୍ରକାର ଶାସନ ଫେରିପାଇବା ଓ ଥିବା ସରକାର ପୁନଃ ଅବସ୍ଥାପିତ ହେବା କସରତରେ କେହି କାହାକୁ ଉଣା ନ ଥିଲେ ।

ନିର୍ବାଚନ ଘୋଷଣା ଅବ୍ୟବହତି ପୂର୍ବରୁ ଓ ପରେ ୫ ଟି ରାଜ୍ୟ ଯିବା ଓ ପ୍ରତ୍ୟ୍କ୍ଷ ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥିଲା । ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଗୋଆ ଓ ପଂଜାବ। ପଂଜାବ ବ୍ୟତୀତ ସବୁଠି ଭାରତୀୟ ଜନତା ପାର୍ଟି ଫେରିଛି। ୩୭ ବର୍ଷ ମଧ୍ୟରେ ଉତରପ୍ରଦେଶ ଭଳି ରାଜ୍ୟରେ ପ୍ରଥମ ଥର ପାଇଁ କୌଣସି ସରକାର ପୁନଃ କ୍ଷମତାକୁ ଫେରିଛି ଯାହା କି ଐତିହାସିକ।

ଉତର ଭାରତ ପରି ମଣିପୁରରେ ମଧ୍ୟ ସରକାର ପୁନଃ ନିର୍ବାଚିତ ହେବା ଐତିହାସିକ। ସୀମା ବିବାଦ, ମେତୈ ଙ୍କ ପାଇଁ ସଂରକ୍ଷଣ ଆଦି ପ୍ରସଙ୍ଗ କୁ ସଠିକ ପରିଚାଳନା କରିବା ସହ ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା, ପାହାଡିଆ ଅଂଚଳରେ ଜଳସେଚନ, ଘରେ ପାଣି ପହଂଚାଇବା, ଲୋକତକ ହ୍ରଦର ପୁନଉଦ୍ଧାର ସହ ପର୍ଯ୍ୟଟନର କେନ୍ଦ୍ର ବିନ୍ଦୁ ବନାଇବା ,ମଣିପୁରର ଜୀବନ ରେଖା ବାରାକ୍ ବ୍ରିଜ୍ , ମିଜୋରାମ-ମଣିପୁର,- ନାଗାଲାଣ୍ଡ ହାଇବେ ସହ ଯୋଡି ଉତର ପୂର୍ବ ରାଜ୍ୟରେ ଆନ୍ତଃ ରାଜ୍ୟ ବାଣିଜ୍ୟ ସୁବିଧା, ନର୍ଥ ଇଷ୍ଟକୁ ଷ୍ଟାର୍ଟ ଅପ ହବ୍‌ରେ ପରିଣ୍ତ କରିବା, ମାତୃ ବନ୍ଦନ ଯୋଜନାରେ ମାଆ ମାନଙ୍କୁ ୫୦୦୦ ସହାୟତା, ୧.୫୫ ଲକ୍ଷ ପରିବାରକୁ ପିଏମ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଚୁଲ୍ଲୀ ମିଳିଥିଲା । ଆଉ ସବୁଠାରୁ ବଡ କଥା ହେଲା ପ୍ରସିଦ୍ଧ "ଇମା ମାର୍କେଟ" କୁ ନୂଆ ଜୀବନ ଦେବା । ୧୩୦ କୋଟି ବ୍ୟୟରେ ଏହାର ସଂପ୍ରସାରଣ ୭ ଟି ସ୍ଥାନରେ କରିଥିବା ବେଳେ ଅନ୍ୟ ୧୦ ଟି ନିର୍ମାଣଧିନ ରହିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଇମା ମାକେଟ ଏସିଆର ସବୁଠାରୁ ବଡ ବଜାର ଯେଉଁଠି କେବଳ ମହିଳା ମାନେ ବ୍ୟବସାୟ କରି ଘର ଚଳାନ୍ତି। ତେଣୁ ମଣିପୁରରେ ଗରିବ କଲ୍ୟାଣ , ସାମଗ୍ରିକ ବିକାଶ ସହ ମାତୃଶକ୍ତି ର ଆଶୀର୍ବାଦ ମୋଦି ସରକାରଙ୍କୁ ମିଳିଛି । ଉତର ପୂର୍ବ ଭାରତରେ ପ୍ରଥମ ଥର ଲାଗି ସର୍ବାଧିକ ରାସ୍ତା ନିର୍ମାଣ ହୋଇଛି ।

ଗୋଆର ବିକାଶ ପାଇଁ ସ୍ୱର୍ଗତ ମନୋହର ପାରିକର ଯେପରି କାମ କରିଥିଲେ ତାହା ତାଙ୍କ ଉତରପିଢି ଡ. ପ୍ରମୋଦ ସାବନ୍ତ କରିବାରେ ସକ୍ଷମ ହେବେ କି ନା ସେ ନେଇ ଏକ ସଂଶୟ ସୃଷ୍ଟି ହୋଇଥିଲା । କାରଣ ପାରିକର ଜଣେ ବଡ ନାମ । ଦେଶର ପ୍ରତିରକ୍ଷା ମନ୍ତ୍ରୀ ସହ ଗୋଆ ଲୋକଙ୍କ ହୃଦୟ ଜିଣିଥିଲେ, ସେ ତୁଳନାରେ ଡ. ପ୍ରମୋଦ ଜଣେ ଅତ୍ୟନ୍ତ ସରଳ ବ୍ୟକ୍ତିତ୍ୱ । ତେବେ ପାରିକର ତାଙ୍କ ଉପରେ ଆସ୍ଥା ରଖି ମୁଖ୍ୟମନ୍ତ୍ରୀ କରିବା ପରେ ତାଙ୍କ ଉତରଦାୟିତ୍ୱ ସେ ସଠିକ ତୁଲାଇଥିବା ପ୍ରମାଣ କରିଛନ୍ତି ।

ଉତରାଖଣ୍ଡ ରାଜ୍ୟର ସଂରଚନା ୨୦୦୦ ମସିହାରେ ହୋଇଥିଲା । ଉତରାଖଣ୍ଡ ହେଉ କି ଉତର ପ୍ରଦେଶ । ପୁନଃ ଗୋଟିଏ ସରକାର ରାଜ୍ୟକୁ ଫେରିବା ବିରଳ । କିନ୍ତୁ ଏଥର ପୁଣି ଥରେ ଭାଜପା ସରକାର ପାଇଁ ଆସ୍ଥା ପ୍ରକଟ କରିଛି ଜନତା। ତାହାର କେତୋଟି ପ୍ରମୁଖ ବିଷୟ ଏଠି ଆଲୋଚନା କରିବା ନିହାତି ଜରୁରୀ । ଉତର ପ୍ରଦେଶର ୨୩ କୋଟିରୁ ଉର୍ଦ୍ଧ ଜନସାଧାରଣ । ଯେଉଁଠି ପ୍ରତି ଜିଲାରେ ଭାଷା ଶୈଳି ଅନ୍ୟ ଠାରୁ ହୋଇଥାଏ ଭିନ୍ନ । କେଉଁଠି ନିର୍ଦ୍ଦିଷ୍ଟ ଧର୍ମ ତ ଆଉ କେଉଁଠି ନିର୍ଦ୍ଦିଷ୍ଟ ଜାତିର ଲୋକ । ଅନେକ ସ୍ଥାନରେ ଭାରତର କଣ ଅନୁକୋଣକୁ ଆସି ରୋଜଗାର ପାଇଁ ସେଠାରେ ବସବାସ କରିଥିବା ଭାରତୀୟ । ସେଠାରେ ୭ ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଠାରେ ପ୍ରମୁଖ ବିଷୟ ଥିଲା ଆଇନ ଶୃଙ୍ଖଳା ବ୍ୟବସ୍ଥା ,ସୁରକ୍ଷା ମଧ୍ୟ ଏକ ପ୍ରମୁଖ ମୁଦ୍ଦା ଏହି ନିର୍ବାଚନରେ ଦେଖିବାକୁ ମିଳିଲା। ଶାନ୍ତିରେ ଯେତିକି ଅର୍ଜନ ସେତିକି ଖାଇ ଚଳିବା ମନ ସ୍ଥିତିରେ ଥିଲେ ଜନତା । ପୁରୁଣାଯୁଗର ଗୁଣ୍ଡାରାଜ ଫେରିଆସୁ ଚାହୁଁନଥିଲେ । ସହାରନାପୁର ବାଗପତ୍ କୈରାନା, ଦେଓବନ୍ଦ ଆଦି ଅଂଚଳ ପ୍ରବଳ ଗୁଣ୍ଡାରାଜ ଯୋଗୁଁ ତ୍ରସ୍ତ ଜନତା ୫ ବର୍ଷ ମଧ୍ୟରେ ଶାନ୍ତି ଅନୁଭବ କରୁଥିଲେ। ପ୍ରତିବର୍ଷ ୨ ରୁ ୩ ଟି ଦଙ୍ଗା ଉତରପ୍ରଦେଶରୁ ସାରା ଦେଶରେ ନିଆଁ ଲଗାଇବା କାମ କରୁଥିଲା। ତାହା ଯୋଗୀ ସରକାରଙ୍କ କଡା ଆଇନ ଓ କଠୋର ଦଣ୍ଡବିଧାନ ଯୋଗୁଁ କମ ହୋଇପାରିଛି। ଦ୍ୱିତୀୟ ବିଷୟ ଥିଲା ଆସ୍ଥାବିଶ୍ୱାସ ଓ ହିନ୍ଦୁତ୍ୱ । ଜନ୍ମରୁ ମୃତ୍ୟୁ ଯାଏଁ ହିନ୍ଦୁ ଭାବନା ସହ ଜଡିତ ପ୍ରତ୍ୟେକ ଆସ୍ଥାର କେନ୍ଦ୍ରବିନ୍ଦୁ ଉତରପ୍ରଦେଶ ପାଲଟିଥାଏ । ଗଂଗା ନଦୀର ସଫେଇ । ଏହା ପାଇଁ ସରକାର ତରଫରୁ ୬ ଟି ଜୋନରେ କମିଟି ଗଠନ ସହ ଏହାର ରିପୋର୍ଟ କେନ୍ଦ୍ର ନିକଟରେ ଦାଖଲ ହେଉଛି । ହିନ୍ଦୁଙ୍କ ଆସ୍ଥା ବିଶ୍ୱାସର ପ୍ରତୀକ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସମସ୍ତ ବାଧାବିଘ୍ନ ହଟିବା ସହ ତୀବ୍ରଗତିରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା। ଗଳିକନ୍ଦିର ସହର ବନାରସ ଦିବ୍ୟ ଓ ଭବ୍ୟ କାଶୀ କରିଡର ନିର୍ମାଣ କରି ହୃଦୟ ଜିଣିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଜୀବନଜୀବିକାର ସାଧନା ଯୋଗାଇବା ୭୦ ବର୍ଷ ତଳରୁ ଯେଉଁ ସବୁ ଘାଟରୁ ପାହାଚ ଅକାତ ନଦୀ ରାଶିରେ ବୁଡିଯାଇଥିଲା ତାହାର ପୁନଃ ଉଦ୍ଧାର କରିବା । କାଶୀ ବିଶ୍ୱନାଥ ମନ୍ଦିର ଜିର୍ଣ୍ଣୋଧାର ସହ ଏହାକୁ ପର୍ଯ୍ୟଟନ ପରିପ୍ରେକ୍ଷୀରେ ବିକଶିତ କରିବା । ଘାଟର ସହର ବନାରସରେ ନାଉରିଆମାନଙ୍କ ନିଷାଦପରି୍ବାର ପାଇଁ ବିଭିନ୍ନ ଯୋଜନା । ବନାରସ ଭଳି ଐତିହ ସଂପନ୍ନ ସହରକୁ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଆଣି ବୁଲାଇବା ସ୍ଥାନୀୟ ଲୋକଙ୍କ ମନରେ ମୋଦିଜୀଙ୍କ ପ୍ରତି ଭଲ ପାଇବାକୁ ଦ୍ୱିଗୁଣିତ କରିଥିଲା । କାଶୀରେ ଭାଜପାର କାର୍ଯ୍ୟକର୍ତା ଡୋର ଟୁ ଡୋର ଲାଭାର୍ଥ 1 ଙ୍କୁ ଭେଟିବା ବେଳେ ଲୋକେ ମୋଦିଜୀଙ୍କୁ ମହାପୁରୁଷ ଭଳି ସମ୍ମାନ କରୁଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଥିଲା। ଏକ ନୂତନ ଚେତନାକୁ ଉଜାଗର ହୋଇଥିବା ଅନୁଭବ ହୋଇଥିଲା ।

ସବୁଠାରୁ ବଡ ବିଷୟ ସବୁ ରାଜ୍ୟପରି ମହାମାରୀ ଯୋଗୁଁ ଉତର ପ୍ରଦେଶ ଭଳି ରାଜ୍ୟ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡିଥିଲା। କିନ୍ତୁ ଟୀକାକରଣ, ସ୍ୱାସ୍ଥ୍ୟ ସେବାରେ ଉତର ପ୍ରଦେଶ ଅନ୍ୟମାନଙ୍କ ତୁଳନାରେ ତୀବ୍ର ବେଗରେ ଏହାକୁ ସମ୍ଭାଳି ନେଇଥିଲା । ଯେବେ ଟୀକାକରଣରେ ଉତର ପ୍ରଦେଶରେ ଏକ ନମ୍ବର ହେବାକୁ ଯାଉଥିଲା ସମାଜବାଦୀର ଅଖିଳେଶ ଏହାକୁ ମୋଦି ଟୀକା କହି ଅପଶବ୍ଦ କହିଥିଲେ। ସମାଜବାଦୀ ଆସିଲେ ପୁନଃ ଭୟରେ ବଂଚିବାକୁ ହେବ ଏ ଭୟ ମଧ୍ୟ ଥିଲା। ମହିଳା ଭୋଟର ସରକାର କୁ ଧନ୍ୟବାଦ ଦେବା ପାଇଁ ଭୋଟ କେନ୍ଦ୍ର କୁ ଭୋଟ ଦେବା ପାଇଁ ଆସିଲେ । କାରଣ ସେମାନଙ୍କୁ ପିଏମ୍ ଆବାସ ରେ ମାଲିକାନା , ରାସନ ରେ ଅଗ୍ରାଧିକାର, ଆୟୁଷ୍ମାନ ଯୋଜନାରେ ସର୍ବାଗ୍ର ସ୍ଥାନ ମିଳୁଥିଲା । ଶୌଚାଳୟ, ଚୁଲ୍ଲୀ ଧୂଆଁରୁ ମୁକ୍ତି କରିଥିବା ଉଜଳା. ଗରିବ କଲ୍ୟାଣ ଯୋଜନାରେ ସର୍ବାଗ୍ରେ ମହିଳା । ଗରିବ ଝିଅଙ୍କ ବାହାଘର ପାଇଁ ଏକ ଲକ୍ଷ ସହାୟତା ଅନୁଦାନ, ରୋଡ ରୋମିଓ ପାଇଁ ସ୍ୱତନ୍ତ୍ର ସ୍କାଡ, ହେଲପଲାଇନ ନମ୍ବର, ସ୍ୱତନ୍ତ୍ର ଅଟୋ, ଘରେ ଘରେ ଉଜ୍ଜ୍ୱଳା ଯୋଜନା, ପ୍ରତି ଗାଁରେ ଶୌଚାଳୟ ରହିଥିଲା । ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ଲକ୍ଷ ଟଙ୍କା ଘୋଷଣାସ ଝିଅଙ୍କ ସ୍କୁଟି ଓ ଲାପଟପ୍ ଭଳି ଘୋଷଣା କରିଥିଲେ ସରକାର । ପ୍ରଥମ ଥର ପାଇଁ ଉତର ପ୍ରଦେଶରେ ଆଟାକ କରିବ ପାଇଁ ପ୍ରମୁଖ ମୁଦ୍ । ନଥିଲା ବିରୋଧୀଙ୍କ ପାଖେ । ୧୦୦ ରୁ ୬୦ ଭାଗ ଯୋଜନା ମହିଳାଙ୍କ ପାଇଁ ଥିଲା । ଯାହା ୫ ବର୍ଷରେ ପ୍ରତିଫଳତି ହୋଇସାରିଥିଲା । ମୁସଲିମ ମହିଳା ଟ୍ରିପଲ ତଲାକ ପାଇଁ ଆଶ୍ୱସ୍ତ ହୋଇ ରହିଥିଲେ । ମହିଳାଙ୍କୁ ଆକୃଷ୍ଟ କରିବାକୁ କଂଗ୍ରେସ ଚେଷ୍ଟା କରିଥିଲା । " ଲଡକିହୁଁ ଲଡ ସକତି ହୁଁ" କହି ମାରାଥନ ଆରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମର ପୋଷ୍ଟର ଗାର୍ଲ ବିଜେପିରେ ମିଶିଗଲେ । ଅଖିଳେଶଙ୍କ ଭାଇ ବୋହୁ ବିଜେପିରେ ମିଶିବା ପରେ ବିରୋଧୀଙ୍କ ପ୍ରପୋଗଣ୍ଡା ସେଠାରେ ଆଉ କାମ ଦେଲାନି । କୃଷକ ନିଜ ଖାତାରେ ୬ ହଜରେ ପାଇ ଖୁସି ଥିଲେ । ପୂର୍ବ ସରକାରଙ୍କ ଋଣ ମଧ୍ୟ ଯୋଗୀ ସରକାର ମୁଣ୍ଡାଇଥିଲେ। ସାରର କଳା ବଜାରୀ ରୋକା ଯାଇପାରିଥିଲା। ସେହିପରି ମୁସଲିମ ସଂପ୍ରଦାୟ ମଧ୍ୟ ବୁଝିଯାଇଥିଲେ ସେମାନଙ୍କୁ ଧର୍ମ ନାଁରେ ବାଂଟି ଭୋଟ ନେଇଯାଉଥୁବା ନେତା ବାସ୍ତବରେ ବିଶେଷ କଛି କରିନାହାନ୍ତି। ଯୋଗୀ ସରକାରଙ୍କ ଯୋଜନା ଜାତିଧର୍ମ ବର୍ଣ୍ଣରୁ ଉର୍ଦ୍ଧରେ ଥିଲେ । ସର୍ବଧର୍ମ ସମଭାବ ଭାବରେ ସମସ୍ତେ କିଛି ନା କିଛି ପାଇଥିଲେ । ସରକାରୀ ଭର୍ତି ହେଉନାହିଁ ବୋଲି ରାଗ ମଧ୍ୟ ଥିଲା । କିନ୍ତୁ ଅଯୋଧ୍ୟା କାଶୀ ବିଶ୍ୱନାଥ, ଗଙ୍ଗା ସଫେଇ ଫଳରେ ହୋଟଲ, ଫୁଲ କପଡା ବ୍ୟବସାୟ ଆଦି ସେଠାରେ ବଢିଛି । ନଦୀ ସଂଯୋଗୀ କରଣ ପୂର୍ବାଂଚଳ ଉଦ୍ୟୋଗ ପୁନଃଉଦ୍ଧାର ବିନ୍ଧ୍ୟାଚଳରେ ଉନ୍ନତି କରଣ ଏମସ୍ ଏୟାରପୋର୍ଟ , ଯମିନା ଏକ୍ସପ୍ରେସ ବେ ଆଜି ଉତର ପ୍ରଦେଶ କୁ ଉତମ ପ୍ରଦେଶରେ ପରିଣତ କରି ଲୋକଙ୍କ ବାସ୍ତବ ଜୀବନ ସହ ପରିଚିତ କରାଇଥିଲା । ଅନେକ ବିଷୟରେ ଗୋଟିଏ ବିଷୟ ଏୟା ଥିଲା ଯେ ସବୁଠାରୁ ବଡ ରାଜ୍ୟ ଉତର ପ୍ରଦେଶର ପ୍ରଭାରୀ ଭାବେ ଓଡିଆ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ରଣନୀତି ଅସନ୍ତୁଷ୍ଟ ଙ୍କୁ ଶାନ୍ତ କରିବା ଏବଂ ମାଇକ୍ରୋ ମ୍ୟାନେଜମେଂଟ କରିଥିବା କଥା ଅନ୍ୟ ମାନଙ୍କ ଠାରୁ ଶୁଣିବା ବେଳେ ଓଡିଆ ଭାବେ ଗର୍ବ ଅନୁଭୂତ ହେଉଥିଲା । ସେହିପରି ମଣିପୁର ରେ ଓଡିଆ ପୁଅ ସମ୍ବିତ ପାତ୍ର ଜୀ ଲୋକଙ୍କ ମଧ୍ୟରେ ବହୁଳ ଭାବରେ ଗ୍ରହଣୀୟ ହୋଇଥିଲେ । ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ଟିଭିରେ ଦେଖିଥିବା କାର୍ଯ୍ୟ କର୍ତ୍ତା ତାଙ୍କ ସହ କାମ କରିବାକୁ ସୁଯୋଗ ପାଇ ଉତ୍ସାହିତ ଥିଲେ। ପ୍ରଥମ ଥର ପାଇଁ ଜାତିଭେଦ, ସଂପ୍ରଦାୟ ତଥା ସଂରକ୍ଷଣ ନାମରେ ଭୋଟ ନ ପଡି ବିକାଶ ନାମରେ ରାଷ୍ଟ୍ରୀୟ ଭାବନା ନାମରେ ମତଦାନ ହୋଇଛି। ଯାହା ଆମ ଭାରତର ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ସହାୟକ ହେବ । ଭବିଷ୍ୟ ପିଢି ଭାରତରେ ନିଜ ପ୍ରତିଭା ବିକଶିତ କରିପାରିବ ।

# ୟୁକ୍ରେନ ସଙ୍କଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ସମିତି ବୈଠକ ଅନୁଷ୍ଠିତ

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଏସ) ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ୟୁକ୍ରେନ ସଙ୍କଟ ପରିପ୍ରେକ୍ଷୀରେ ବିଶ୍ୱ ପରିଦୃଶ୍ୟରେ ଦେଖାଦେଇଥିବା ପରିବର୍ତ୍ତନ ଏବଂ ଭାରତର ସୁରକ୍ଷା ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା।



ଭାରତର ସ୍ଥଳ ସୀମା, ସାମୁଦ୍ରିକ ସୀମା ଏବଂ ବାୟୁସୀମାରେ ସୁରକ୍ଷା ପ୍ରସ୍ତୁତିର ବିଭିନ୍ନ ଦିଗ ଏବଂ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବୈଠକରେ ଅବଗତ କରାଯାଇଥିଲା। ୟୁକ୍ରେନରେ ସାମ୍ପ୍ରତିକ ପରିସ୍ଥିତି, ୟୁକ୍ରେନରେ ଫସି ରହିଥିବା ଭାରତୀୟ ନାଗରିକ ଏବଂ ଭାରତର ପଡୋଶୀ ରାଷ୍ଟ୍ରର ନାଗରିକମାନଙ୍କୁ ଉଦ୍ଧାର କରିବା ଲାଗି ଅପରେସନ ଗଙ୍ଗା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦିଆଯାଇଥିଲା। ଖାରକିଭ୍‌ରେ ପ୍ରାଣ ହରାଇଥିବା ଭାରତୀୟ ଛାତ୍ର ନବୀନ ଶେଖରପ୍ପାଙ୍କ ମରଶରୀର ସ୍ୱଦେଶ ଫେରାଇ ଆଣିବା ଲାଗି ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିର୍ଦ୍ଦେଶ ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କର ଅହମ୍ମଦାବାଦରେ ଗୁଜରାଟ ପଞ୍ଚାୟତ ମହାସମ୍ମିଳନୀକୁ ସମ୍ବୋଧନ

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ଅହମ୍ମଦାବାଦରେ ଗୁଜରାଟ ପଂଚାୟତ ମହାସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟର ପଂଚାୟତିରାଜ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗୁଜରାଟ ବାପୁ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମମାଟି । ସେ କହିଛନ୍ତି ଯେ 'ବାପୁ ସର୍ବଦା ଗ୍ରାମୀଣ ବିକାଶ ଏବଂ ଆତ୍ମ- ନିର୍ଭର ଗ୍ରାମଗୁଡ଼ିକ ସମ୍ପର୍କରେ କହୁଥିଲେ । ଆଜି ଯେତେବେଳେ ଆମେ ଅମୃତ ମହୋତ୍ସବ ପାଳନ କରୁଛେ, ଆମେ ସମସ୍ତେ ବାପୁଙ୍କ ଗ୍ରାମୀଣ ବିକାଶର ସ୍ୱପ୍ନକୁ ସାକାର କରିବା ଉଚିତ୍ ।'



ପ୍ରଧାନମନ୍ତ୍ରୀ ମହାମାରୀର ଶୃଙ୍ଖଳିତ ତଥା ଉନ୍ନତ ପରିଚାଳନା ନିମନ୍ତେ ଗୁଜରାଟର ପଂଚାୟତ ଗୁଡିକର ଭୂମିକାକୁ ମଧ୍ୟ ପ୍ରଶଂସା କରିଥିଲେ । ସେ ଏକଥା ମଧ୍ୟ କହିଥିଲେ ଯେ ଗୁଜରାଟରେ ମହିଳା ପଂଚାୟତ ପ୍ରତିନିଧିମାନଙ୍କ ସଂଖ୍ୟା ପୁରୁଷ ପ୍ରତିନିଧିମାନଙ୍କ ତୁଳନାରେ ଅଧିକ ଅଟେ । ସେ କହିଥିଲେ ଯେ ଦେଢ଼ ଲକ୍ଷ ପଂଚାୟତ ପ୍ରତିନିଧି ଯେତେବେଳେ ଏକାଠି ବିଚାର ବିମର୍ଶ କରୁଛନ୍ତି, ସେତେବେଳେ ଏହାଠାରୁ ବଳି ଭାରତୀୟ ଗଣତନ୍ତ୍ରର ଅଧିକ ଶକ୍ତିର ପ୍ରତୀକ ଆଉ କିଛି ହୋଇ ନପାରେ ।

ସେଠାରେ ଗ୍ରାମୀଣ ବିକାଶ କିପରି ଛୋଟ ଛୋଟ ଅଥଚ, ଅତି ମୌଳିକ ପଦକ୍ଷେପଗୁଡିକ ଦ୍ୱାରା ସୁନିଶ୍ଚିତ କରାଯାଇ ପାରିବ, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ପଂଚାୟତର ସଦସ୍ୟମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସେ ସେମାନଙ୍କୁ ନିଜ ନିଜ ସ୍କୁଲର ଜନ୍ମଦିନ କିମ୍ବା ପ୍ରତିଷ୍ଠା ଦିବସ ପାଳନ କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ । ଏହା ଦ୍ୱାରା ସ୍କୁଲ ହତା ଏବଂ ଶ୍ରେଣୀଗୃହ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସ୍କୁଲ ପାଇଁ ଭଲ କାର୍ଯ୍ୟକ୍ରମଗୁଡିକୁ ହାତକୁ ନେଇହେବ । ଦେଶ ଅଗଷ୍ଟ ୨୩ ପର୍ଯ୍ୟନ୍ତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା କହି ସେ ଏହି ସମୟ ମଧ୍ୟରେ ଗ୍ରାମ ଗୁଡିକରେ ୭୫ଟି ପ୍ରଭାତ ଫେରି (ପ୍ରାତଃକାଳୀନ ପଦଯାତ୍ରା) କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ଏହି ସମୟରେ ୭୫ଟି କାର୍ଯ୍ୟକ୍ରମ ଆୟୋଜିତ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସମଗ୍ର ଗ୍ରାମର ଜନତା ଏକା ସାଙ୍ଗରେ ବସି ମିଳିତ ଭାବେ ଗ୍ରାମର ସାମଗ୍ରିକ ବିକାଶ ସମ୍ପର୍କରେ ଚିନ୍ତା କରିବେ । ଆଉ ଏକ ପରାମର୍ଶ ଦେଇ ସେ କହିଛନ୍ତି ଯେ, ଭାରତର ସ୍ୱାଧୀନତାର ୭୫ ବର୍ଷ ପୂରଣ ହେବା ଉପଲକ୍ଷେ ଗ୍ରାମ ଗୁଡିକରେ ୭୫ଟି ବୃକ୍ଷ ରୋପଣ କରି ଛୋଟ ଜଙ୍ଗଲଟିଏ ସୃଷ୍ଟି କରିବା ଉଚିତ୍ । ପ୍ରତ୍ୟେକ ଗ୍ରାମରେ ଅତି କମ୍‌ରେ ୭୫ ଜଣ କୃଷକ ଏମିତି ହେବା ଉଚିତ୍ ଯେଉଁମାନେ ପ୍ରାକୃତିକ ଉପାୟରେ ଚାଷ କାର୍ଯ୍ୟ କରିବାର ଉପାୟକୁ ଗ୍ରହଣ କରୁଥିବେ । ସେ କହିଥିଲେ ଯେ ଧରିତ୍ରୀ ମାତା ରାସାୟନିକ ସାର ଏବଂ ରାସାୟନିକ ପଦାର୍ଥରୁ ମୁକ୍ତ ହେବା ଉଚିତ୍ ।

# ୟୁକ୍ରେନ୍ ଉପରେ ଖୁବ୍‌ଶୀଘ୍ର ହୋଇପାରେ କେମିକାଲ୍ ଆଟାକ୍



ନୂଆଦିଲ୍ଲୀ: ଋଷ-ୟୁକ୍ରେନ ଯୁଦ୍ଧକୁ ନେଇ ଆସିଛି ଏକ ଭୟାନକ ତଥ୍ୟ। ଋଷ ଗୁଳିଗୋଳା ଆଉ ବମରେ ଯୁଦ୍ଧ ନ କରି ଉଠାଇବ ବଡ ଅସ୍ତ୍ର। ୟୁକ୍ରେନ ଉପରେ ଖୁବ ଶୀଘ୍ର ଋଷ କେମିକାଲ ଆଟାକ କରିପାରେ ବୋଲି ଚେତାବନୀ ଦେଇଛି ଆମେରିକା। ହ୍ୱାଇଟ ହାଉସ ତରଫରୁ ଏକ ବୟାନ ଜାରି କରି ଏ ନେଇ ଆମେରିକା ସୂଚନା ଦେଇଛି। ବୋମା ପରିବର୍ତ୍ତେ ଏବେ ବାୟୋଲୋଜିକାଲ ଏବଂ କେମିକାଲକୁ ହତିଆର ବନେଇପାରେ ବୋଲି ସତର୍କ କରିଛି ଆମେରିକା। ତେବେ ଏଥିପାଇଁ ଋଷ ଉପରେ ନଜର ରଖିବା ନିହାତି ଜରୁରୀ ବୋଲି କହିଛନ୍ତି ହ୍ୱାଇଟ ହାଉସର ପ୍ରେସ ସେକ୍ରେଟାରୀ ଜେନ ସାକୀ।

ୟୁକ୍ରେନରେ ଆମେରିକାର ଜୈବିକ ଅସ୍ତ୍ରଶସ୍ତ୍ର ଲ୍ୟାବ ଏବଂ ରସାୟନିକ ଅସ୍ତ୍ରଶସ୍ତ୍ରର ବିକାଶ ବିଷୟରେ ଋଷର ମିଥ୍ୟା ତଥ୍ୟ ଦାବିକୁ ଧ୍ୟାନ ଦେବକୁ କହିଛନ୍ତି ସାକୀ। ଆମେରିକା ବାୟୋଲୋଜିକାଲ ୱିପନ୍ସ କନଭେଶନର ନିୟମକୁ ପାଳନ କରିଛି। ଏଭଳି ହତିଆର ତିଆରି କରିବାକୁ ବାରଣ କରିବା ସହ ଗଚ୍ଛିତ ରକିବାରୁ ମଧ୍ୟ ଦୂରେଇ ରହିଛି ଆମେରିକା। ସେପଟେ ୟୁନାଇଟେଡ କିଙ୍ଗଡମ ମଧ୍ୟ ଏକ ବଡ ଦାବି କରିଛି। ୟୁକ୍ରେନରେ ଥର୍ମୋବାରିକ ରକେଟର ବ୍ୟବହାର କରାଯାଇଥିବା ନେଇ ଏଠାକାର ରକ୍ଷାମନ୍ତ୍ରୀ ଦାବି କରିଛନ୍ତି। ଏହି ରକେଟକୁ ଭାକ୍ୟୁମ ବମ ବୋଲି ମଧ୍ୟ କୁହାଯାଏ। ଯାହାଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ କମ ହୋଇଯାଇଥାଏ ଏବଂ ଉଚ୍ଚ ତାପମାନ ବିସ୍ଫୋରଣ ହୋଇଥାଏ। ସାମାନ୍ୟ ବମରୁ ଖୁବ ଅଧିକ କ୍ଷତି ଘଟାଇଥାଏ ଭାକ୍ୟୁମ ବମ।

# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଯୋଗୀ, ଚନ୍ନି, ଧାମୀ



ଲକ୍ଷ୍ନୌ/ଚଣ୍ଡିଗଡ/ଡେରାଡୁନ୍: ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଶୁକ୍ରବାର ଦିନ ୩ ରାଜ୍ୟର ମୁଖ୍ୟମନ୍ତ୍ରୀ ଯଥା ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ, ପଂଜାବର ଚରଣଜିତ ସିଂହ ଚନ୍ନି ଏବଂ ଉତ୍ତରାଖଣ୍ଡର ପୁଷ୍କର ସିଂହ ଧାମୀ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଯୋଗୀ ଆଦିତ୍ୟନାଥ ଆଜି ସନ୍ଧ୍ୟାରେ ତାଙ୍କ ବିଦାୟୀ କ୍ୟାବିନେଟ୍‌ର ଶେଷ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହାପରେ ସେ ରାଜଭବନ ଯାଇ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଯୋଗୀ ପୁଣିଥରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ପଂଜାବରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଚନ୍ନି ରାଜ୍ୟପାଳ ବନଓ୍ୱାରିଲାଲ୍ ପୁରୋହିତଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଅନ୍ୟପକ୍ଷେ ଆସନ୍ତା ୧୬ ତାରିଖରେ ଆପ୍‌ର ଭଗଓ୍ୱନ୍ତ ମାନ୍ ପଂଜାବର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। କ୍ୟାପଟେନ ଅମରିନ୍ଦର ସିଂହ ମୁଖ୍ୟମନ୍ତ୍ରୀ ଭାବେ ଇସ୍ତଫା ଦେବାପରେ ଚନ୍ନି ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୧୧ ଦିନ ପାଇଁ ମୁଖ୍ୟମନ୍ତ୍ରୀ ରହିଥିବା ଚନ୍ନି ନିର୍ବାଚନ ହାରି ଯାଇଛନ୍ତି।

ଉତ୍ତରାଖଣ୍ଡରେ ବିଜେପିର ଐତିହାସିକ ବିଜୟ ହୋଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ନିର୍ବାଚନ ହାରି ଯାଇଛନ୍ତି। ଖତିମା ନିର୍ବାଚନମଣ୍ଡଳୀରୁ ଧାମୀଙ୍କ ପରାଜୟ ବିଜେପି ପାଇଁ ଲଜ୍ଜାଜନକ। ନିର୍ବାଚନରେ ହାରିବା ପରେ ଧାମୀ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହଙ୍କୁ ରାଜଭବନରେ ଭେଟି ଇସ୍ତଫାପତ୍ର ଦେଇଛନ୍ତି। ତେବେ ଧାମୀ ଇସ୍ତଫା ଦେଇଥିଲେ ସୁଦ୍ଧା ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ପର୍ଯ୍ୟନ୍ତ ସେ କାମଚଳା ମୁଖ୍ୟମନ୍ତ୍ରୀ ରହିବେ। ୭୦ ଆସନ ବିଶିଷ୍ଟ ଉତ୍ତରାଖଣ୍ଡରେ ବିଜେପିକୁ ୪୭ ଆସନ ମିଳିଛି। ଉତ୍ତରାଖଣ୍ଡରେ ସରକାର ଗଠନ ପାଇଁ ସ୍ୱପ୍ନ ଦେଖୁଥିବା କଂଗ୍ରେସର ସ୍ୱପ୍ନ ଚୁରମାର ହୋଇଯାଇଛି।

# ସ୍ୱତନ୍ତ୍ର ଟ୍ରେନରେ ସୁମୀରେ ଫସିଥିବା ଭାରତୀୟଙ୍କୁ କରାଗଲା ଉଦ୍ଧାର

ନୂଆଦିଲ୍ଲୀ: ଇତିମଧ୍ୟରେ ଋଷ-ୟୁକ୍ରେନ ଯୁଦ୍ଧ ଦୁଇ ସପ୍ତାହ ପାର କରିଗଲାଣି। ଲଗାତାର ଭାବରେ ୟୁକ୍ରେନ ଉପରେ ଋଷ କରିଚାଲିଛି ଆକ୍ରମଣ । ସେପଟେ ଋଷରେ ଫସିଥିବା ଭାରତୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଛନ୍ତି ଭାରତ ସରକାର । ଅପରେସନ ଗଙ୍ଗା ମାଧ୍ୟମରେ ଫସି ରହିଥିବା ଭାରତୀୟଙ୍କୁ ଉଦ୍ଧାର କରାଯାଉଛି ।

ଏହାରି ମଧ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ତରଫରୁ ଆସିଛି ଏକ ଆଶ୍ୱସ୍ତିକର ଖବର ।ୟୁକ୍‌ରେନର ସୁମୀ ସହରରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରାଯାଇଥିବା ନେଇ ସୂଚନା ଦିଆଯାଇଛି । ମଙ୍ଗଳବାର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ଅରିନ୍ଦମ ବାଗଚୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ସେ କହିଛନ୍ତି ସୁମୀରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରାଯାଇଛି ଏବଂ ସେମାନଙ୍କୁ ପୋଲଟାଭା ପଠାଯାଇଛି । ସେଠାରେ ସେମାନଙ୍କୁ ଟ୍ରେନ ଯୋଗେ ପୂର୍ବ ୟୁକ୍‌ରେନ ପଠାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଏବଂ ସେଠାରୁ ଅପରେସନ ଗଙ୍ଗା ଅନୁଯାୟୀ ବିମାନ ଯୋଗେ ଭାରତ ନିଆଯିବ ।

ସେପଟେ ଏହି ଶେଷ ବ୍ୟାଚ୍ ଭାରତୀୟଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଯୁଦ୍ଧାଞ୍ଚଳରୁ ୟୁକ୍ରେନର ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଏବଂ ଖୁବଶୀଘ୍ର ସେମାନେ ପଡୋଶୀ ରାଷ୍ଟ୍ରକୁ ଯାଇ ସେଠୁ ଭାରତ ଫେରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ । ନେପାଳ, ପାକିସ୍ତାନ, ବାଂଲାଦେଶ ନାଗରିକଙ୍କୁ ଭାରତ ଉଦ୍ଧାର କରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।

# ସୋନିଆ ଗାନ୍ଧୀଙ୍କ ହାତରେ ରହିବ କଂଗ୍ରେସର ଦାୟିତ୍ୱ

ନୂଆଦିଲ୍ଲୀ: ଉତ୍ତର ପ୍ରଦେଶ ସମେତ ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନରେ ଲଜ୍ଜାଜନକ ପରାଜୟ ପରେ ରବିବାର କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ହୋଇଛି। ତେବେ ବୈଠକରେ ଏହି ନିଷ୍ପତ୍ତି ହୋଇଛି ଯେ, ସୋନିଆ ଗାନ୍ଧୀ ହିଁ ପାର୍ଟିର ଅଧ୍ୟକ୍ଷ ପଦରେ ରହିବେ। ଦଳ ତାଙ୍କ ନେତୃତ୍ୱରେ ଆଗକୁ ବଢିବ। ଦଳ ନୂତନ ରଣନୀତି ସହ ମଇଦାନକୁ ଓହ୍ଲାଇବ ବୋଲି କଂଗ୍ରେସ ନେତା କହିଛନ୍ତି ।ରାଜୀବ ଶୁକ୍ଲା ବୈଠକ ବିଷୟରେ ସୂଚନା ଦେଇଛନ୍ତି ଯେ ସମସ୍ତେ ଏଥିରେ ସହମତ ପ୍ରକାଶ କରିଛନ୍ତି ଯେ, ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ପାର୍ଟିକୁ ଆଗକୁ ନିଆଯିବ। ଏହା ବ୍ୟତୀତ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ସୋନିଆ ଗାନ୍ଧୀଙ୍କ ନେତୃତ୍ୱ ଉପରେ ଆମର ଭରସା ଥିବା କହିଛନ୍ତି।



ବୈଠକରେ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ କହିଛନ୍ତି, କିଛି ଲୋକଙ୍କୁ ଲାଗୁଛି ଗାନ୍ଧୀ ପରିବାର କାରଣରୁ ହିଁ ପାର୍ଟି ଦୁର୍ବଳ ହେଉଛି। ଯଦି ଏମିତି ଲାଗୁଛି ତେବେ ମୁଁ କୌଣସି ପ୍ରକାରର ତ୍ୟାଗ କରିବାକୁ ପ୍ରସ୍ତୁତ। ସେ କହିଛନ୍ତି, ଆମର ପ୍ରଥମ ଉଦ୍ଦେଶ୍ୟ କଂଗ୍ରେସକୁ କେମିତି ମଜବୁତ କରାଯିବ। ଏପ୍ରିଲରେ କଂଗ୍ରେସର ଚିନ୍ତନ ଶିବିର ଆୟୋଜନ ହେବ ବୋଲି ପାର୍ଟିରେ ନିଷ୍ପତ୍ତି ହୋଇଛି। ହରିଶ ଚୌଧୁରୀ ପଞ୍ଜାବ ପରାଜୟ ପାଇଁ ନିଜୟ ଦାୟୀ କରିଛନ୍ତି।

କଂଗ୍ରେସର ମୁଖପାତ୍ର ରଣଦୀପ ସୁରଜେଓ୍ୱାଲା କହିଛନ୍ତି ପ୍ରତ୍ୟେକ ନେତା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ବିଶ୍ୱାସ ପ୍ରକଟ୍ କରିଛନ୍ତି । ସାଂଗଠାନିକ ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ। ବୈଠକରେ ପ୍ରତି ନିର୍ବାଚନର ପ୍ରଭାରୀ ଏବଂ ବରିଷ୍ଠ ନେତା ସିଡବ୍ଲ୍ୟୁସିରେ ରିପୋର୍ଟ ଉପସ୍ଥାପନ କରିବେ।

ସୂଚନାଯୋଗ୍ୟ, କଂଗ୍ରେସରେ ପରିବର୍ତ୍ତନ ଦାବି ଦିନକୁ ଦିନ ଜୋର ହେବାରେ ଲାଗିଛି। କଂଗ୍ରେସ ନେତା ଡିକେ ଶିବକୁମାର କହିଛନ୍ତି ରାହୁଲ ଗାନ୍ଧୀଙ୍କୁ ତୁରନ୍ତ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ କରାଯିବା ଉଚିତ୍। ମୋ ପରି କୋଟି କୋଟି କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କର ମଧ୍ୟ ଏହି ସମାନ କାମନା ରହିଛି।

## ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟ ଉତ୍ସବ' ଆୟୋଜିତ

# ସମ୍ମାନଜନକ 'ସାହିତ୍ୟ ଏକାଡେମୀ ପୁରସ୍କାର' ଗ୍ରହଣ କଲେ ୨୪ ଜଣ ବିଜେତା

ନୂଆଦିଲ୍ଲୀ, (ପିଆଇବି):ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟୋତ୍ସବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗତକାଲି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଏହି ଉତ୍ସବକୁ ଭାରତର ସବୁଠୁ ସମାବେଶୀ ସାହିତ୍ୟ ଉତ୍ସବ ବୋଲି ବିବେଚନା କରାଯାଉଛି । ଏହି ଉତ୍ସବ ଉପଲକ୍ଷେ ରବିନ୍ଦ୍ର ଭବନ ଲନ୍ ଠାରେ 'ଜନଜାତି ଲେଖକ ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା, ଏଥିରେ ୨୪ଟି ଜନଜାତି ଭାଷାର ପ୍ରତିନିଧିତ୍ୱ ଦେଖିବାକୁ ମିଳିଥିଲା। ବିଶିଷ୍ଟ ବଲ୍‌ତି କବି ଶ୍ରୀ ଅଖୋନେ ଅଜଗର ଅଲି ବଶରତ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ ।

ସାହିତ୍ୟ ଉତ୍ସବ ସନ୍ଧ୍ୟାରେ କପର୍ନିକସ୍ ମାର୍ଗସ୍ଥିତ କମନୀ ପ୍ରେକ୍ଷାଳୟ ଠାରେ ୨୪ ଜଣ ଲେଖକଙ୍କୁ ସମ୍ମାନଜନକ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଓଡିଆ ଭାଷାରେ ବିଶିଷ୍ଟ କବି ତଥା ସାହିତ୍ୟିକ ଡକ୍ଟର ହୃଷିକେଶ ମଲ୍ଲିକ ପୁରସ୍କାର ଗ୍ରହଣ କରିଥିଲେ । ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ସମାରୋହରେ ବିଶିଷ୍ଟ ମରାଠୀ ଲେଖକ ଡକ୍ଟର ଭାଲଚନ୍ଦ୍ର ନେମାଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।




ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ଅନୁରାଧା ଶର୍ମା ପୂଜାରୀ (ଅହମିୟା), ବ୍ରତ୍ୟ ବସୁ (ବଙ୍ଗଳା), ମୋଦାୟ ଗାହାୟ (ବୋଡୋ), ରାଜ ରାହି (ଡୋଗ୍ରୀ), ନମିତା ଗୋଖଲେ (ଇଂରାଜୀ), ଯଜ୍ଞ ?ଶ ଦଭେ (ଗୁଜରାଟୀ), ଦୟା ପ୍ରକାଶ ସିହ୍ନା (ହିନ୍ଦୀ), ଓ୍ୱାଲି ମହମ୍ମଦ ଅସୀର କିସ୍ତଓ୍ୱାରୀ (କଶ୍ମିରୀ), ସଞ୍ଜୀବ ଭେରେଙ୍କର (କୋଙ୍କଣୀ), ଜଗଦୀଶ ପ୍ରସାଦ ମଣ୍ଡଳ (ମୈଥିଳୀ), ଜର୍ଜ ଓଣକ୍କର (ମାଲାୟଲମ), ଥୋକୋଚୋମ୍ ଇବୋହାନବୀ ସିଂ (ମଣିପୁରୀ), କୀରଣ ଗୌରବ (ମରାଠୀ), ଛବିଲାଲ ଉପାଧ୍ୟାୟ (ନେପାଳୀ), ହୃଷିକେଶ ମଲ୍ଲିକ (ଓଡିଆ), ଖାଲିଦ୍ ହୁସୈନ (ପଞ୍ଜାବୀ), ମୀଠେଶ ନିର୍ମହୀ (ରାଜସ୍ଥାନୀ), ନିରଞ୍ଜନ ହାଁସଦା (ସାନ୍ତାଳୀ), ଅର୍ଜୁନ ଚାଓ୍ୱଲା (ସିନ୍ଧୀ), ଅମ୍ବାଇ (ତାମିଲ), ଗୋରେଟି ଭେଙ୍କନ୍ନା (ତେଲୁଗୁ), ଚନ୍ଦର ଭାନ୍ ଖୟାଲ (ଉର୍ଦ୍ଦୁ), ବିନ୍ଧେଶ୍ୱରୀ ପ୍ରସାଦ ମିଶ୍ରା 'ବିନୟ' (ସଂସ୍କୃତ) ସମ୍ମାନିତ ହୋଇଥିଲେ ।

ଏହି ସମ୍ମିଳନୀରେ ପୁରସ୍କାର ବିଜେତାମାନେ ସେମାନଙ୍କ ପୁରସ୍କାରପ୍ରାପ୍ତ ସୃଜନଶୀଳ ସର୍ଜନା ପଛରେ ରହିଥିବା ଅନୁଭୂତି ବାଣ୍ଟିବେ । ସେହିପରି ଆସନ୍ତାକାଲି ମଧ୍ୟ ''୧୯୪୭ ମସିହା ପରଠାରୁ ଭାରତରେ ନାଟକର କ୍ରମବିକାଶ'' ଉପରେ ଏକ ସଂଗୋଷ୍ଠୀ ଆୟୋଜନ କରାଯିବ । ଏହାକୁ ବିଶିଷ୍ଟ ମଞ୍ଚ ବ୍ୟକ୍ତିତ୍ୱ ଶ୍ରୀ ଭାନୁ ଭାରତୀ ଉଦଘାଟନ କରିବେ ଏବଂ ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବାର ଏଥିରେ ଅଧ୍ୟକ୍ଷତା କରିବେ ।

ଏହାପରେ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ''ଭାରତର ସ୍ୱାଧୀନତା ଆନ୍ଦୋଳନରେ ସାହିତ୍ୟର ପ୍ରଭାବ'' ଉପରେ ଏକ ତିନି ଦିନିଆ ସେମିନାର ଆୟୋଜନ କରାଯିବ ।

# ଅଣ-ବୈଷୟିକ ଲୋକପ୍ରିୟ ବର୍ଗର ପ୍ରାର୍ଥୀଙ୍କ ସମସ୍ୟା ସମାଧାନ କଲା ରେଳ ସମିତି

ନୂଆଦିଲ୍ଲୀ:ରେଳ ମନ୍ତ୍ରଣାଳୟର ଆଦେଶ ସଂଖ୍ୟା ଇଆରପି- ଓ/ ୨୦୨୨/୨୩/୦୬ ତାରିଖ ୨୬ ଜାନୁଆରୀ ୨୦୨୨ ଅନୁଯାୟୀ, ସିଇଏନ ୦୧/୨୦୧୯ (ଅଣ-ବୈଷୟିକ ଲୋକପ୍ରିୟ ବର୍ଗ) ଏବଂ ସିଇଏନ ଆରଆରସି-୦୧/ ୨୦୧୯ (ଲେଭଲ-୧)ର ପ୍ରାର୍ଥୀଙ୍କ ସମସ୍ୟାର ତଦନ୍ତ ପାଇଁ ଗଠନ କରାଯାଇଥିବା ସମିତି ନିମ୍ନ ନିଷ୍ପତ୍ତି ଗ୍ରହଣ କରିଛି :

☐ ସିଇଏନ ୦୧/୨୦୧୯ (ଅଣ-ବୈଷୟିକ ଲୋକପ୍ରିୟ ବର୍ଗ)ର ଦ୍ୱିତୀୟ ପର୍ଯ୍ୟାୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ପାଇଁ ବେତନ ସ୍ତର (ପେ ଲେଭଲ) ଅନୁସାରେ ୨୦ ଗୁଣା ଅଭିନବ ପ୍ରାର୍ଥୀମାନଙ୍କୁ ଚୟନ ବା ସର୍ଟଲିଷ୍ଟ କରାଯିବ । ☐ ପୂର୍ବରୁ ଯୋଗ୍ୟ ଘୋଷିତ ପ୍ରାର୍ଥୀ ଆଗକୁ ମଧ୍ୟ ଯୋଗ୍ୟ ବିବେଚିତ ହେବେ ।

☐ ଚୟନ କରାଯିବାକୁ ଥିବା ଅତିରିକ୍ତ ପ୍ରାର୍ଥୀମାନଙ୍କର ତାଲିକା ପ୍ରତ୍ୟେକ ବେତନ ସ୍ତରରେ ହିଁ ବିଜ୍ଞପିତ କରାଯିବ ।

☐ ପ୍ରତ୍ୟେକ ବେତନ ସ୍ତର ପାଇଁ ଆରଆରବି ଓ୍ୱାରୀ ଦ୍ୱିତୀୟ ପର୍ଯ୍ୟାୟ ସିବିଟିରେ ଗୋଟିଏ ଆରଆରବିର ସମସ୍ତ ପ୍ରାର୍ଥୀମାନଙ୍କୁ ଗୋଟିଏ ପର୍ଯ୍ୟାୟ ବା ସିଙ୍ଗଲ ଶିଫ୍ଟରେ ଆଡଜଷ୍ଟ କରାଯିବ, ଯାହାଫଳରେ ସାମାନ୍ୟକରଣ ବା ନର୍ମାଲାଇଜେସନ ସମାପ୍ତ ହେବ । କ୍ଷମତାର ଅଭାବ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଯେଉଁଠି ସିଙ୍ଗଲ ଶିଫ୍ଟ ସମ୍ଭବ ହେବ ନାହିଁ , ସେଠାରେ ପର୍ସ ?ଣ୍ଟାଇଲ୍ ଆଧାରିତ ନର୍ମାଲାଇଜେସନ କରାଯିବ । ☐ ସିଇଏନ ଆରଆରସି- ୦୧/୨୦୧୯ (ଲେଭଲ-୧) ସିଙ୍ଗଲ ଷ୍ଟେଜ୍ ପରୀକ୍ଷା ଭାବେ ଆୟୋଜିତ ହେବ । ଅନ୍ୟ କୌଣସି ଦ୍ୱିତୀୟ ପର୍ଯ୍ୟାୟ ସିବିଟି ହେବ ନାହିଁ ।☐ ଲେଭଲ -୧ ପାଇଁ ଆରଆରସି ଓ୍ୱାରୀ ସିବିଟି ଆୟୋଜନ କରାଯିବ । ଆରଆରସିରେ ଶିଫ୍ଟ ସଂଖ୍ୟାକୁ କମ କରିବା ଏବଂ ପରୀକ୍ଷା ପ୍ରକ୍ରିୟାକୁ ଗତିଶୀଳ କରିବା ଲାଗି ସର୍ବାଧିକ ଉପଲବ୍ଧ କ୍ଷମତା ଉପଯୋଗ କରିବା ପାଇଁ ସୁପାରିସ କରାଯାଇଛି ।

☐ ଯେଉଁଠାରେ ଶିଫ୍ଟ ସଂଖ୍ୟା ଏକରୁ ଅଧିକ ରହିଥିବ ସେଠାରେ ସରଳ ଏବଂ ବୁଝିବା ଲାଗି ସହଜ ପର୍ସ ?ଣ୍ଟାଇଲ୍ ଆଧାରିତ ନର୍ମାଲାଇଜେସନର ଉପଯୋଗ କରାଯିବ । ☐ ଲେଭଲ – ୧ର ବିଭିନ୍ନ ପଦବୀ ପାଇଁ ଭାରତୀୟ ରେଳବାଇ ଚିକିତ୍ସା ନିୟମାବଳୀ (ଆଇଆରଏମଏମ)ରେ ନିର୍ଦ୍ଧାରିତ ଚିକିତ୍ସା ମାନକ ଉପଯୋଗ କରାଯିବ ।



# ନିଜ ନଖରୁ ଜାଣନ୍ତୁ ଆପଣ କେତେ ସ୍ୱସ୍ଥ !

ଆପଣଙ୍କ ନଖ ବି ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ ସଙ୍କେତ ଦେଇଥାଏ। ନଖର ମଜବୁତି, ରଙ୍ଗ, ସେଥିରେ ଥିବା ଦାଗ- ଚିହ୍ନ ସବୁ କିଛି ନା କିଛି ରୋଗ ଆଡକୁ ଈଶାରା କରୁଥାଏ। ଲିଭର, ଫୁସଫୁସ, ଓ ହୃଦୟ ର ପ୍ରୋବ୍ଲେମ ନଖ ଜରୀଆରେ ଜଣା ପଡିପାରେ।

ନୀଳ ନଖ: ନଖ ନୀଳ ପଡିଗଲେ ଏହା ଅକ୍ସିଜେନ୍ କମଥିବାର ସଙ୍କେତ ବହନ କରେ। ଶ୍ୱାସ ବା ହୃଦୟ ରୋଗର କାରଣ ଏହା ହୋଇପାରେ ।

ମୋଟା ଓ ହଳଦିଆ ନଖ: ଏହା ଫଙ୍ଗଲ ଇନ୍‌ଫେକ୍ସନ ବା ଓନିକୋମାୟକୋସିସ୍ ର ସଙ୍କେତ ହୋଇପାରେ। ଏହା ହାତ ବା ପାଦର ନଖ ଉପରେ ଧଳା ବା ହଳଦିଆ ଚିହ୍ନ ଆରମ୍ଭ ହୋଇଥାଏ।

ଧଳାନଖ : ଏକଦମ ଧଳାନଖ ଏନିମିଆ, ଡାଇବେଟିସ ବା ଲିଭର ରୋଗର ସଙ୍କେତ ବହନ କରିଥାଏ।

ନଖରେ ଡାର୍କ ଲାଇନ୍ : ନଖରେ ଡାର୍କ ଲାଇନ୍ ମେଲାନୋମା ବା ଏକ ପ୍ରକାରର ସ୍କିନ୍ କ୍ୟାନସର ର ସଙ୍କେତ ହୋଇପାରେ।

ନଖରେ ଆଡରେ ଧଳା ଲାଇନ୍ : ଏହା ସାମାନ୍ୟ ଭାବରେ କିଡନ୍ ରୋଗ, ନ୍ୟୁଟ୍ରିସନ୍ ଏବଂ ପ୍ରୋଟିନ୍ ର ଅଭାବ ଏବଂ ଲିଭର ଗଡବଡର ସଙ୍କେତ ହୋଇପାରେ।

ଭିତର ଆଡକୁ ମୋଡିହୋଇ ଯାଇଥିବା ନଖ : ଭିତର ଆଡକୁ ମୋଡି ହୋଇଥିବା ନଖ ବ୍ଲଡ ରେ ଆଇରନ୍ ଅଭାବ ର ସଙ୍କେତ ଦେଇଥଏ। ଏବଂ ବାହାର ଆଡକୁ ଚାମଚ ପରି ମୋଡିହୋଇଥିବା ନଖ ଲ୍ୟୁକେମିୟା ର ସଙ୍କେତ ହୋଇପାରେ।

କ୍ରେକ୍ ନଖ : ନଖରେ କ୍ରେକ୍ ବା ଫଟା ନଜର ଆସିଲେ ଏହା ଚର୍ମରୋଗର ସଙ୍କେତ ହୋଇପାରେ।

କମଜୋର ନଖ : ଯଦିନଖ ସହଜରେ ଭାଙ୍ଗିଯାଉଥାଏ ତେବେ ଏହା ଥାୟରାଇଡର ସଙ୍କେତ ହୋଇପାରେ।

ନଖର ପାଖାପାଖି ଚମଡା ଛାଡୁଥିଲେ : ଯଦି ଏପରି ହେଉଥାଏ ତେବେ ଏହା ଶରୀରରେ ପାଣିର ଅଭାବ ବା ଡିହାଇଡ୍ରେସନ୍ ର ସଙ୍କେତ ହୋଇପାରେ।



# ଗରମ ଦିନରେ ସ୍କିନ୍ କେୟାର

**ଗରମରେ ମୁହଁର କଳାପଣ ଦୂରକରିବା ଚିନ୍ତାରେ ହୁଏତ ଆପଣ ବିୟୁଟି ସେଲୁନ ଖୋଜୁଥାଇ ପାରନ୍ତି। ହେଲେ ଆପଣ ଘରେ ରହି କିଛି ପ୍ରାକୃତିକ ଉପାୟରେ ବି ଏହାର ସମାଧାନ କରିପାରିବେ।**

ଲେମ୍ବୁରସ : ପ୍ରଭାବିତ ସ୍ଥାନରେ ଲେମ୍ବୁରସ ଲଗାନ୍ତୁ। ଏହାକୁ ୧୫-୨୦ମିନିଟ ଯାଏ ଏହିପରି ଛାଡିଦିଅନ୍ତୁ। ତାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। କିଛି ସପ୍ତାହ ଏହିପରି କରିଲେ କେବଳ ତ୍ୱଚାର କଳାପଣ ନୁହେଁ ବରଂ ଦାଗ-ଚିହ୍ନ ବି ସବୁ ସଫା ହୋଇଯିବ। ଲେମ୍ବୁରସ ସହିତ କାକୁଡି ବା ଦହି ମିଶାଇ ବି ଲଗାଇ ପାରନ୍ତି।

କଞ୍ଚା ଟମାଟର : ଟମାଟର କୁ କାଟି ପ୍ରଭାବିତ ସ୍ଥାନରେ ବି ଲଗାଇ ପାରନ୍ତି। ଏହା କଳାପର ଦୂର କରେ କିଛି ସପ୍ତାହ ଲଗାତାର ଏପରି କରିଲେ ରଙ୍ଗ ସଫା ବି ହୋଇଥାଏ।



ଦହି : ତ୍ୱଚାରେ ଦହି ବା ଅନ୍ୟ ଦୁଗଧ ଜାତୀୟ ଉତ୍ପାଦ ଲଗାଇଲେ ତ୍ୱଚା ନରମ ହୋଇଥାଏ। ଓ ମୁହଁର ରଙ୍ଗ ବି ସଫା ହୋଇଯାଏ।

ଆଲୋଭେରା , ଗୋଲାପ ଜଳ ଓ ଗ୍ଲିସରିନ : ଏହି ତିନିର ମିଶ୍ରଣ ମୁହଁ ପାଇଁ ବହୁତ ପ୍ରଭାବଶାଳୀ ପ୍ୟାକ। ଏହା ଦାଗ- ଚିହ୍ନ ଓ କଳାପଣକୁ ହାଲକା କରାଇଦିଏ ଓ ତ୍ୱଚାକୁ ଚମକଦାର କରିଥାଏ।

ଯ' ଅଟା, ମହୁ, ଦହି : ଖରା କାରଣରୁ ସିଝିଯାଇଥିବା ମୁହଁର ମୃତ କୋଷିକା କୁ ବାହାର କରିବା ପାଇଁ ଏହା ଏକ ଭଲ ଘରୋଇ ସ୍କ୍ରବ ଅଟେ। ତ୍ୱଚାର ମୃତ କୋଷିକା କୁ ସଫାକରିଦେବା ର କିଛି ଦିନ ଭିତରେ ମୁହଁର କଳାପଣ ଦୂର ହୋଇଯାଏ ଓ ତ୍ୱଚା ହସିଉଠେ।

# ପେଟରେ ଥିବା ଚର୍ବିକୁ ତରଳାଇ ଦେବାର ଉପାୟ



**ବର୍ତ୍ତମାନ ସମୟରେ ମହିଳା ହୁଅନ୍ତୁ ବା ପୁରୁଷ , ଗ୍ରାମ ହଉ ବା ସହର ଫେସନ୍ ଠାରୁ କେହି ଦୂରରେ ନାହାନ୍ତି। କିନ୍ତୁ କେବଳ ମହିଳା ମାନେ ନୁହନ୍ତି କି ଯୁବକ ମାନେ ବି ନୁହନ୍ତି, ଛାତ୍ର ଛାତ୍ରୀ, କର୍ମଜୀବୀ ସମସ୍ତେ ନିଜର ପୃଥଳକାୟ ପେଟ ପାଇଁ ଚିନ୍ତିତ ହୋଇ ପଡନ୍ତି ।ମେଦବହୁଳତା ସମସ୍ୟାରେ ଆକ୍ରାନ୍ତ ଛୁଆ , ଯୁବକ, ବୃଦ୍ଧ ସବୁ ଲୋକ ଜିମ୍ ଯାଇ ଝାଳ ବୁହାଉଛନ୍ତି। କିନ୍ତୁ ଆଜିକାଲିର ଧାଁ ଦଉଡ ଭରା ଜୀବନରେ ଅଧିକ ସମୟ ଝାଳ ବୁହେଇବା ସମୟରେ ଏକଥା ମଧ ଧ୍ୟାନ ରଖିବା ଉଚିତ ଯେ ସଫଳତା ପଛରେ ରହିନଯାଉ।**

ମେଦବହୁଳତା ସମୟରେ ସମସ୍ୟା ଦ୍ୱାରା ଆକ୍ରାନ୍ତ ଅନେକ ଲୋକ ବଇଦ, ହାକିମ, ଡାକ୍ତର ଅନ୍‌ଲାଇନ୍ କ୍ଲାସ୍, ଯୋଗ କ୍ଲାସ୍ ଏପରି ବହୁ କ୍ଲାସ ରହିଛି। ଯେଉଁଥିରେ ମୋଟା ଧରଣର ଖର୍ଚ୍ଚ ବି କରିବାକୁ ପଡେ। ତେବେ ଯାଇ ଶରୀର ସୁସ୍ଥ ରହୁଛି ।

ହେଲେ ଆଜି ଆମେ ଏପରି କିଛି ଘରୋଇ ପଦ୍ଧତି କହିବାକୁ ଯାଉଛୁ। ଯାହା ଦ୍ୱାରା ମେଦବହୁଳତାରୁ ମୁକ୍ତି ବି ମିଳିଯିବ ପଇସା ବି ବେଶି ଖର୍ଚ୍ଚ ହେବନାହିଁ। କାରଣ ଏହି ସାମଗ୍ରୀ ସବୁ କମ୍ ମାତ୍ରାରେ ଆବଶ୍ୟକ। ତେଜରାତି ଦୋକାନରୁ ଆପଣ ଏସବୁ ସାମଗ୍ରୀ ସହଜରେ ହାସଲ କରି ପାରିବେ। ଦୋକାନରୁ ଆରପ ହେଙ୍ଗୁ, ପାନମଧୁରୀ, ଜୀରା, ତ୍ରିଫଳା, ହଳଦୀ , ଫେଶୀମଞ୍ଜି, ଶୁଖିଲା ତେଜପତ୍ର ଆଣିବେ। ଏସମସ୍ତ ସମାଗ୍ରୀ ଏକତ୍ର କରି ଚୂର୍ଣ୍ଣ ପ୍ରସ୍ତୁତ କରିନେବେ। ଏହା ଆପଣଙ୍କ ପେଟର ଚର୍ବି କମାଇବାରେ ଲାଭକାରୀ ହେବ।

ଏହି ସାମଗ୍ରୀ ସବୁଥିରୁ ୨୫-୨୫ ଗ୍ରାମ ନିଅନ୍ତୁ। ଏହାପରେ ଜୀରା, ପାନମଧୁରୀ ଓ ଫେଶିମଞ୍ଜିକୁ ଭଲ ଭାବରେ ଭାଜି ଦିଅନ୍ତୁ। ମିକ୍ସରରେ ଗୁଣ୍ଡ କରି ଦିଅନ୍ତୁ, ସେହି ଚାମଚରେ ଅଳ୍ପ ସନ୍ଧେବ ଲୁଣ କୁ ଏହି ଗୁଣ୍ଡରେ ମିଶେଇ ଦିଅନ୍ତୁ।

ଏହି ଗୁଣ୍ଡକୁ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଏକ ଚାମଚ ଲେଖା ଖାଆନ୍ତୁ। ଏହାକୁ ଏଭଳି ଦିନକୁ ଦୁଇଥର ଖାଆନ୍ତୁ। ଏପରି କରିବା ଦ୍ୱାରା ଏହାର ପ୍ରଭାବ ଶିଘ୍ର ଅନୁଭବ କରି ପାରିବେ। ଏହା ସହ ବ୍ୟାୟାମ ଆଦିକଲେ ଆହୁରି ସୁଫଳ ମିଳିଥାଏ।





# ବାସି ଅଟାରେ ରୁଟି ଖାଉଛନ୍ତି କି ?

ଅନେକ ସମୟରେ ଦେଖାଯାଏ ସମୟର ଅଭାବ ହେଉ ବା ଅନ୍ୟ କିଛି କାରଣ , କିଛି ଲୋକ ଏକାଥରକେ ଅଟା ଚକଟିକି ରଖି ସେଇଥିରେ ରୁଟି ବନେଇ ଖାଇଥାଆନ୍ତି। ହେଲେ ରିସର୍ଚ୍ଚ ରେ କୁହାଯାଇଛି ବାସି ଅଟା ବା ବାସି ସିଝାଆଳୁରେ ପ୍ରସ୍ତୁତ ଖାଦ୍ୟ ସ୍ୱାଦିଷ୍ଟ ଲାଗିଲେ ବି ଏହା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। ଗବେଷଣାରେ ଜଣାପଡିଛି ଯେ , ଶୁଖିଲା ଅଟା ଅପେକ୍ଷା ଓଦା ଅଟାରେ ଫର୍ମେଣ୍ଟେସନ୍ ପ୍ରକ୍ରିୟା ଶୀଘ୍ର ହୋଇଥାଏ। ଯାହାଦ୍ୱାରା ଏଥିରେ ବ୍ୟାକ୍ଟେରିଆ ଶୀଘ୍ର ଜନ୍ମ ନେଇଥାଆନ୍ତି। ଯଦି ଆପଣ ସମୟ ବଞ୍ଚାଇବା ପାଇଁ ପୂର୍ବରୁ ଅଟାକୁ ଚକଟି ରଖୁଛନ୍ତି ତେବେ ସେପରି କରନ୍ତୁ ନାହିଁ। ସଜ ସଜ ଅଟା ଚକଟି ସେଥିରେ ରୁଟି ତିଆରି କରିବାକୁ ଯୋଜନା କରନ୍ତୁ। ରିସର୍ଚ୍ଚରେ କୁହାଯାଇଛି ବାସି ଅଟା ବା ବାସି ସିଝା ଆଳୁ ଖାଇଲେ ଶରୀରକୁ ଏହିସବୁ କ୍ଷତି ପହଞ୍ଚିଥାଏ। ଗହମ ଏକ ମୋଟା ଜାତୀୟ ଶସ୍ୟ। ଏଥିରେ ପ୍ରସ୍ତୁତ ଖାଦ୍ୟ ବିଳମ୍ବରେ ହଜମ ହୋଇଥାଏ। ଯାହା ପାଇଁ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଯାଏ। ତେଣୁ ବାସି ଅଟାରେ ରୁଟି ଖାଇଲେ ପେଟରେ ଯନ୍ତ୍ରଣା ହୋଇଥାଏ। ନିୟମିତ ଏହିପରି ବାସି ରୁଟି ଖାଇଲେ ପାଚନ କ୍ରିୟା ଖରାପ ହୋଇଯାଏ। ଏହା ଇମ୍ୟୁନିଟିସିଷ୍ଟମକୁ ଦୁର୍ବଳ କରିଦିଏ। ସେହିପରି ବାସି ଭାତକୁ ଆଉ ଥରେ ଗରମ କରି ଖାଇବା ଅନୁଚିତ। କାରଣ ଏଥିରେ ବ୍ୟାକ୍ଟେରିଆଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ଏହାକୁ ଖାଇଲେ ବାନ୍ତି , ଡାଇରିଆ ଓ ଫୁଡ୍ ପଏଜନିଂ ଆଦି ହେବାର ଡର ରହିଥଏ। ବାସି ଆଳୁକୁ ପୁଣି ଥରେ ଗରମ କରି ବା ତରକାରୀ କରି ଖାଇବା ଉଚିତ ନୁହେଁ। ଏପରି କଲେ ଆଳୁରେ ଥିବା ସବୁ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ।

# ବଡି ମସାଜ୍

**ସ୍ପା ଥେରାପୀରେ ଶରୀର ଚିନ୍ତାମୁକ୍ତ ରହେ, କାରଣ ଏହାଦ୍ୱାରା ଶରୀରରେ ଅକ୍ସିଜେନ୍ ସଞ୍ଚାଳନ ତଥା ରକ୍ତ ପ୍ରବାହରେ ବୃଦ୍ଧିଘଟେ। ଏହି ଥେରାପୀ ମାଧମରେ ଆମର ମାଂସପେଶୀ, ହାଡ଼, ପାଚନ ପ୍ରଣାଳୀ, ଶ୍ୱାସ ପ୍ରଣାଳୀ, ଭାବନାତ୍ମକ ମସ୍ତିଷ୍କ ତଥା ନାଡ଼ି ତନ୍ତ୍ର ଉତ୍ତମ ପ୍ରଦର୍ଶନ କରିଥାଏ। ଏହାଦ୍ୱାରା ଥକା, ଭାରିପଣ, ମାଂସପେଶୀରେ କଠୋରତା ଇତ୍ୟାଦି ସମସ୍ୟା ଦୂର ହୁଏ।**



କ୍ୱାଲିଟୀବାଲା ସ୍ପା ବଡ଼ି ମସାଜ୍ ବ୍ଲଡ଼୍‌ପ୍ରେସରକୁ କମ୍ କରେ ଓ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଏ। ଏହା କ୍ଷତିକାରକ ଷ୍ଟ୍ରେସ୍ ହର୍ମୋନ୍‌କୁ କମ୍ କରେ ଓ ସେରୋଟୋନିନ୍ ନାମକୁ ମୁଡ୍‌କୁ ଭଲ କରୁଥିବା କେମିକାଲ୍‌କୁ ବଢାଏ।

କିଛି ସ୍ପା ମାନୁଆଲ ଲିମ୍ଫୋଟିକ୍ ଡ୍ରେନେଜ୍ ଭଳି ସ୍ପା ବି ଉପଲବ୍ଧ କରାଏ। ଏହା ଏକ ସ୍ୱିଡ଼େଶ ଉପଚାର କରିବାବାଲା ମସାଜ୍ ଅଟେ। ଯେଉଁଥିରେକି ଲୟାତ୍ମକ ଚାପ ଟେକ୍‌ନିକ୍ କୁ ଉପଯୋଗ କରାଯାଏ। ଏହାଦ୍ୱାରା ତ୍ୱଚା ଲିମ୍ଫୋଟିକ୍ ଫ୍ଲୋ ଦିଗରେ ଗତିଶୀଳ ହୋଇପାରିବ। ଏହାଦ୍ୱାରା ଲିମ୍ଫୋଟିକ୍ ଧମନୀବି ଉତ୍ତେଜିତ ହୁଏ। ଯାହାକି ପୋଷକ ତତ୍ତ୍ୱ, ଆଣ୍ଟିବଡ଼ିଜ୍ ତଥା ଅନ୍ୟ ରୋଗପ୍ରତିରୋଧକ ତତ୍ତ୍ୱକୁ ଉପଲବ୍ଧ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

କ'ଣ କରିବେନି:

-ଟ୍ରିଟ୍‌ମେଣ୍ଟ ପରେ ଖାଆନ୍ତୁନି।

-ସ୍ପାରୁ ବାହାରିବାର ଏକ ଘଣ୍ଟା ପରେ ଖାଆନ୍ତୁ।

- ଯଦି ଆପଣଙ୍କର ପାଦରେ କୁଣ୍ଡେଇହେବା ବା ଜଖମ ହୋଇଥାଏ,ତେବେ କେବେବି ଫିଶ୍ ପେଡ଼ିକିଓର କରନ୍ତୁନି।

# ପେଟରୋଗ ପାଇଁ ବ୍ୟାୟାମ

ଶରୀର ପାଇଁ ବ୍ୟାୟମର ଉପକାରିତା ସମ୍ପର୍କରେ ଆଉ ଏକ ବିଷୟ ନିକଟରେ ଜଣାପଡ଼ିଛି। 'ଇରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ' (ଆଇବିଏସ୍) ଜନିତ ସମସ୍ୟାର ଜଡ଼ିତ ବ୍ୟକ୍ତିମାନେ ଯଦି ବ୍ୟାୟମ କରନ୍ତି ତେବେ ସେମାନେ ଏଥିରେ ଉପଶମ ଲାଭ କରିପାରିବେ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି । ଆଇବିଏସ ଦ୍ୱାରା ଆକ୍ରାନ୍ତ ହେଲେ ତଳି ପେଟରେ ଯନ୍ତ୍ରଣା ଲାଗିବା ସହ ଅସ୍ୱସ୍ତିବୋଧ ହୋଇଥାଏ । ଏପରିକି ଏହା ସହ କୋଷ୍ଠ କାଠିନ୍ୟ ପରି ସମସ୍ୟା ଦେଖାଯିବା ସହିତ ଡ଼ାଇରିଆର ଆଶଙ୍କା ମଧ ରହିଥାଏ । କିନ୍ତୁ ଆଇବିଏସ୍ ସମସ୍ୟା ସମଗ୍ର ବିଶ୍ୱ ଜନସଂଖ୍ୟାର ୧୦-୧୫ ପ୍ରତିଶତ ଲୋକଙ୍କ ଠାରେ ଦେଖିବାକୁ ମିଳିଥାଏ । "ବ୍ୟାୟାମ ଏବଂ ପେଟଜନିତ ରୋଗ"ଶୀର୍ଷକ ବିଷୟକୁ ନେଇ ସ୍ୱିଡ଼େନ୍‌ର ବିଶେଷଜ୍ଞମାନେ ଗବେଷଣା କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସପ୍ତାହକୁ ଅନ୍ତତଃ ୫ ଥର (ଥରକୁ ୨୦-୩୦ମିନିଟ ପର୍ଯ୍ୟନ୍ତ) ବ୍ୟାୟମ କରିବାକୁ ପରାମର୍ଶ ଦିଆଯାଇଥିଲା।



# ଉପକାରୀ କାକୁଡ଼ି

ଗରମ ଦିନରେ ଶରୀରକୁ ବେଶି ଜଳୀୟଅଂଶ ଦରକାର ହୁଏ। ପାଣିର ଆବଶ୍ୟକତା ପୂରଣ ପାଇଁ ଆମେ କିଛି ସମୟ ବ୍ୟବଧାନରେ ପାଣି ପିଇଥାଉ। ହେଲେ ଏହି ସମୟରେ ଏପରି କିଛି ଫଳ ଓ ପରିବା ଥାଏ ଯାହା ଶରୀରକୁ ସଫିସେଣ୍ଟ ଜଳୀୟ ଅଂଶ ଯୋଗାଇ ପାରେ। ଏଥିରୁ ଗୋଟେ ହେଉଛି କାକୁଡି। ଯାହାକୁ ଲୋକ ମାନେ ସାରା ବର୍ଷ ଖାଇବାକୁ ପସନ୍ଦ କରନ୍ତି। ଏହା ଆମ ଶରୀର ପାଇଁ ବି ବହୁ ଉପକାରୀ ହୋଇଥାଏ। ଏଥିରେ ଜଳୀୟ ଭାଗ ବେଶି ଥିବାରୁ ଆମ ଶରୀର କୁ ଏହା ଶୀତଳ ରଖେ। କାକୁଡି ରେ ଭିଟାମିନ୍ ବି ପ୍ରଚୁର ପରିମାଣରେ ଥାଏ। ଏହା ଆମ ଶରୀର ପାଇଁ ବେଶ ଭଲ ହୋଇଥାଏ। କାକୁଡିର ଉପଯୋଗ କେବଳ ଖାଇବା ପାଇଁ ନୁହେଁ, ପରନ୍ତୁ ସୌନ୍ଦର୍ଯ୍ୟ ପ୍ରସାଧନ ପାଇଁ ବି କରାଯାଏ।

କାକୁଡିକୁ ସାଲାଡ କରି ଖିଆ ଯାଏ ବା ସେମିତି ବି ଖିଆଯାଏ। କାକୁଡିକୁ ବ୍ରେଡରେ ସାଣ୍ଡୱିଚ ବନାଇ ବି ଖିଆଯାଏ। କେତେକ ଲୋକ କାକୁଡିର ଜୁସ୍ କୁ ବି ବେସି ପସନ୍ଦ କରନ୍ତି। ଜୁସ୍ ପିଇଲେ, ଏହାର ପୋଷକତତ୍ୱ ର ସିଧା ଲାଭ ମିଳିଥାଏ। କାକୁଡିରେ ୯୫% ପାଣି ଥିବାରୁ ଏହା ଡୀହାଇଡ୍ରେସନ ରୁ ରକ୍ଷା କରେ।

କାକୁଡିରେ ଥିବା ପ୍ରୋଟିନ୍ ଆମ ଶରୀରରେ କ୍ୟାନ୍ସର ସହ ଲଢିବାର କ୍ଷମତା ବଢାଇଥାଏ। ଏହା କ୍ୟାନ୍ସର ଆଶଙ୍କା ବି କମ୍ କରେ। ଏହା ଟ୍ୟୁମରରେ କ୍ୟାନ୍ସର କୋଷିକା ର ବିକାଶ କୁ ରୋକିପାରେ। ତେଣୁ ଏହାକୁ କ୍ୟାନସର ବିରୋଧି ଫଳ ବି କୁହାଯାଏ।

କାକୁଡି ରେ ଥିବା ଜଳୀୟଅଂଶ ଓ ଫାଇବର ଆମ ଶରୀର ର ପାଚନ କ୍ରିୟା ଠିକ୍ ରଖିଥାଏ। ଯଦି ଆପଣ ଗ୍ୟାସ , କବ୍ଜ ବା ପେଟ ପୋଡିବା ପରି ସମସ୍ୟା ଭୋଗୁ ଥାଆନ୍ତି ତେବେ ଏକ ଗ୍ଲାସ କାକୁଡିର ଜୁସ୍ ଆପଣଙ୍କର ଏହି ସମସ୍ୟା ର ସମାଧାନ କରିଦେବ।

କାକୁଡି କୁ ଦାନ୍ତରେ ଚୋବାଇ କିଛି ସମୟ ପାଟିରେ ରଖିଲେ, ଶ୍ୱାସ ତାଜା ହୋଇଥାଏ। ଓ ମୁହଁର ଦୁର୍ଗନ୍ଧ ଦୂର ହୁଏ। କାକୁଡି ଚୋବାଇ ଖାଇଲେ, ପାଟିରୁ ଆସୁଥିବା ଦୁର୍ଗନ୍ଧ ପୁରା ଠିକ୍ ହୋଇଯାଏ। କାରଣ ଏହା ଦୁର୍ଗନ୍ଧ କରୁଥିବା ବ୍ୟାକ୍ଟେରିଆକୁ ବିନାଶ କରିଦିଏ।

କାକୁଡିର ବ୍ୟବହାର ସୁନ୍ଦର ଦେଖା ଯିବାକୁ ବି କରାଯାଏ। ଯଦି ଖରାରେ ଚେହେରା କଳା ହୋଇଯାଇଛି ତେବେ କାକୁଡିର ପ୍ୟାକ୍ ଲଗାଇ ଏହାକୁ ଦୂର କରାଯାଇପାରେ। ଏହା ଦ୍ୱାରା ରଙ୍ଗ ଉଜ୍ଜ୍ୱଳ ହୋଇଥାଏ। ଏହା ଆମ ତ୍ୱଚାର ଟୋନିଂର କାମ କରେ।






# ସର୍ବାଧିକ ଟେଷ୍ଟ୍ ରନ୍‌ରେ ମାର୍କ ଓ୍ୱ'ଙ୍କୁ ଟପିଲେ କୋହଲି



ବେଙ୍ଗାଲୁରୁ: ଶନିବାରଠୁ ଏଠାରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଗୋଲାପୀ ବଲ୍ ଟେଷ୍ଟର ପ୍ରଥମ ଦିବସରେ ପୂର୍ବତନ ଅଧିନାୟକ ବିରାଟ କୋହଲି ଏକ ମାଇଲଖୁଣ୍ଟ ଛୁଇଁଛନ୍ତି। ସର୍ବାଧିକ ଟେଷ୍ଟ୍ ରନ୍ କରିବା ତାଲିକାରେ କୋହଲି ଅଷ୍ଟ୍ରେଲିଆର ମାର୍କ ଓ୍ୱ'ଙ୍କୁ ଟପି ଯାଇଛନ୍ତି। ଏହା ପୂର୍ବରୁ କୋହଲି ଶ୍ରୀଲଙ୍କା ବିପକ୍ଷ ମୋହାଲି ଟେଷ୍ଟ୍ ଖେଳି ଶତକୀୟ ମାଇଲଖୁଣ୍ଟ ଛୁଇଁଥିଲେ। ତେବେ ବେଙ୍ଗାଲୁରୁରେ ଖେଳିଥିବା ୧୦୧ତମ ଟେଷ୍ଟର ପ୍ରଥମ ଦିବସରେ ୨୩ ରନ୍ କରି ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ମାର୍କ ଓ୍ୱ' (୮୦୨୯ ରନ୍, ୧୨୮ ଟେଷ୍ଟ)ଙ୍କୁ ପଛରେ ପକାଇ ଦେଇଥିଲେ। କୋହଲିଙ୍କ ରନ୍ ସଂଖ୍ୟା ଏବେ ୮୦୩୦ରେ ପହଞ୍ଚିଯାଇଛି। ତେବେ ଆଉ ୩ ରନ୍ ପାଇଁ କୋହଲି ୱେଷ୍ଟଇଣ୍ଡିଜ୍‌ର ଗ୍ୟାରି ସୋବର୍ସ (୮୦୩୨)ଙ୍କୁ ଟପିବାରୁ ବଞ୍ଚିତ ରହିଥିଲେ। ଅନ୍ୟପକ୍ଷରେ ୧୦୧ ଟେଷ୍ଟ୍ ଖେଳିବାରେ କୋହଲି ମଧ୍ୟ ଗ୍ୟାରି କର୍ଷ୍ଟେନ୍, ମାଖୟା ଏନ୍‌ଟିନି ଏବଂ ବ୍ରେଣ୍ଡନ ମ୍ୟାକ୍‌ଲମ୍‌ଙ୍କ ସମକକ୍ଷ ହୋଇଛନ୍ତି।

# ଛକା ମାରି ଦର୍ଶକଙ୍କ ନାକ ଫଟେଇଲେ ରୋହିତ



ବେଙ୍ଗାଲୁରୁ: ରୋହିତ ଶର୍ମା ଛକା ମାରିବାରେ ସିଦ୍ଧହସ୍ତ ତେଣୁ ତାଙ୍କୁ ପ୍ରଶଂସକମାନେ ଶ୍ରଦ୍ଧାରେ ହିଟ୍-ମ୍ୟାନ୍ କହିଥାଆନ୍ତି। । ରୋହିତଙ୍କ ପୁଲ୍ ସଟ୍ ବିଶ୍ୱ ପ୍ରସିଦ୍ଧ। ତେବେ ରୋହିତଙ୍କ ପୁଲ୍ ସଟ୍ ଯୋଗୁଁ ଜଣେ ଦର୍ଶକ ଆହତ ହୋଇଛନ୍ତି। ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ନିଜର ସଂକ୍ଷିପ୍ତ ସ୍କୋର ମଧ୍ୟରେ ଅଧିନାୟକ ରୋହିତ ଶର୍ମା ଏକ ପୁଲ୍ ସଟ୍ ଖେଳିଥିଲେ। ପୁଲ୍ ସଟଟି ବାଉଣ୍ଡାରୀ ବାହାରକୁ ଯାଇ ଷ୍ଟାଡିୟମ ବାହାରେ ଥିବା ଜଣେ ଦର୍ଶକଙ୍କ ନାକରେ ବାଜିଥିଲା ଯାହାଦ୍ୱାରା ଦର୍ଶକଙ୍କ ନାକର ହାଡ ଭାଙ୍ଗି ଯାଇଥିଲା।

ଭାରତର ପ୍ରଥମ ଇଂନିସର ଷଷ୍ଠ ଓଭରରେ ବିଶ୍ୱ ଫର୍ଣ୍ଣାଣ୍ଡୋଙ୍କ ଏକ ବଲକୁ ରୋହିତ ଶର୍ମା ଛକାରେ ପରିଣତ କରିଥିଲେ। ସୂଚନା ଅନୁସାରେ ବଲଟି ମ୍ୟାଚ୍ ଦେଖୁଥିବା ୨୨ ବର୍ଷୀୟ ପ୍ରଶଂସକ ଗୌରଭ ବିକାଶଙ୍କ ନାକରେ ବାଜିଥିଲା ଓ ତାଙ୍କ ନାକର ହାଡରେ ଗଭୀର ଆଘାତ ଲାଗିଥିଲା। କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ଗୌରବଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା କରିଥିଲା। ଏହାପରେ ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲା ଯେଉଁଠି ତାଙ୍କ ନାକରେ ପଟି ବନ୍ଧା ଯାଇଛି। କିଛି ଦିନ ପରେ ପଟି ଖୋଲିବାକୁ ତାଙ୍କୁ ଡାକ୍ତର କହିଛନ୍ତି। ଭାରତର ପ୍ରଥମ ଇଂନିସରେ ରୋହିତ ଶର୍ମା ୨୫ଟି ବଲ୍ ଖେଳି ଗୋଟିଏ ଚୌକା ଓ ଗୋଟିଏ ଛକା ସହ ମାତ୍ର ୧୫ ରନରେ ଆଉଟ୍ ହୋଇଥିଲେ। ଭାରତ ପ୍ରଥମ ଇଂନିସରେ ୨୫୨ ରନରେ ଅଲଆଉଟ୍ ହେବା ପରେ ଶ୍ରୀଲଙ୍କା ପ୍ରଥମ ଇଂନିସରେ ମାତ୍ର ୧୦୯ ରନରେ ଅଲଆଉଟ୍ ହୋଇଛି। ଏହପରେ ଭାରତ ଦ୍ୱିତୀୟ ଇଂନିସରେ ବ୍ୟାଟିଂ ଆରମ୍ଭ କରି ଶେଷ ଖବର ହସ୍ତଗତ ହେବା ବେଳକୁ ୩ ୱିକେଟ ହରାଇ ୧୨୬ ରନ୍ କରିଛି ଓ ୨୬୯ ରନରେ ଆଗୁଆ ରହିଛି। ଦ୍ୱିତୀୟ ଇଂନିସରେ ରୋହିତ ଶର୍ମା ୭୯ଟି ବଲ ଖେଳି ୪ଟି ଚୌକା ସହ ୪୬ ରନ୍ କରି ଆଉଟ୍ ହୋଇଛନ୍ତି।

# କପିଳଙ୍କ ୪୦ ବର୍ଷର କୀର୍ତ୍ତିକୁ ଟପିଲେ ପନ୍ତ୍



ବେଙ୍ଗାଲୁରୁ: କିଂବଦନ୍ତି ଅଲରାଉଣ୍ଡର୍ କପିଳ ଦେବଙ୍କ ନାମରେ ଥିବା ୪୦ ବର୍ଷ ତଳର ଏକ କୀର୍ତ୍ତିମାନକୁ ଟପି ଯାଇଛନ୍ତି ଯୁବ ୱିକେଟରକ୍ଷକ ବ୍ୟାଟର୍ ଋଷଭ ପନ୍ତ୍। ଶ୍ରୀଲଙ୍କା ବିପକ୍ଷ ଚ଼ଳିତ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିବସରେ ପନ୍ତ୍ ମାତ୍ର ୨୮ ବଲ୍‌ରୁ ୫୦ ରନ୍ ପୂର୍ଣ୍ଣ କରିଥିଲେ। ଏଥି ସହ ଦ୍ରୁତତମ ଭାରତୀୟ ଟେଷ୍ଟ୍ ଅର୍ଦ୍ଧଶତକ କୀର୍ତ୍ତିମାନକୁ ନିଜ ନାମରେ କରି ନେଇଥିଲେ। ୧୯୮୨ ମସିହାରେ ପାକିସ୍ତାନ ବିପକ୍ଷ କରାଚ଼ୀ ଟେଷ୍ଟରେ କପିଳ ଦେବ ୩୦ ବଲ୍‌ରୁ ଅର୍ଦ୍ଧଶତକ ଜମାଇ ଆଜିଯାଏ ଏହି କୀର୍ତ୍ତିମାନକୁ ନିଜ ନାମରେ ରଖିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷ ଓଭାଲ୍ ଟେଷ୍ଟରେ ଶାର୍ଦ୍ଦୁଳ ଠାକୁର ୩୧ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ପୂର୍ବତନ ଅଧିନାୟକ ବୀରେନ୍ଦ୍ର ସେହବାଗ ମଧ୍ୟ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ଏକ ୩୨ ବଲ୍ ଅର୍ଦ୍ଧଶତକ ହାସଲ କରିଥିଲେ। ମୋଟ ଉପରେ କିନ୍ତୁ ପନ୍ତଙ୍କ ଅର୍ଦ୍ଧଶତକ ମିଳିତ ନବମରେ ରହିଛି। ୱିକେଟରକ୍ଷକ ବ୍ୟାଟର୍ ଭାବେ କିନ୍ତୁ ପନ୍ତ୍ ଦ୍ରୁତତମ ଅର୍ଦ୍ଧଶତକର ବିଶ୍ୱ କୀର୍ତ୍ତିମାନ କରିଛନ୍ତି। ଅଷ୍ଟ୍ରେଲିଆର ଇଆନ୍ ସ୍ମିଥ୍ ଏବଂ ଭାରତର ମହେନ୍ଦ୍ର ସିଂହ ଧୋନି ସମାନ ୩୪ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରି ମିଳିତ ଶୀର୍ଷରେ ଥିଲେ।




# ନୂଆ ଓଡ଼ିଆ ଚ଼ଳଚ୍ଚିତ୍ର ' ପ୍ରେମରେ ରିସ୍କ ହେଲା ମତେ ଇସ୍କ'ର ଅଡିଓ ଲୋକାର୍ପଣ




ୟୁଏସ୍ ମୋସନ୍ ପିକଚ଼ର୍ସ ଓ କେ.ମୁରଲୀ କ୍ରିଷ୍ଣା ଫିଲ୍ମ ମିଳିତ ସହଯୋଗ ରେ ନିର୍ମାଣ ନୂଆ ଓଡ଼ିଆ ଚ଼ଳଚ୍ଚିତ୍ର ' ପ୍ରେମରେ ରିସ୍କ ହେଲା ମତେ ଇସ୍କ ' ର ଅଡିଓ ଲୋକାର୍ପଣ ଭୁବନେଶ୍ୱର ସ୍ଥିତ ଗୁରୁ କେଲୁଚ଼ରଣ ମହାପାତ୍ର ଓଡଶୀ ରିସର୍ଚ୍ଚ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଡିଓ ଲୋକାର୍ପଣ ରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କ ଚ଼ନ୍ଦ୍ରଶେଖରପୁର ର ଶାଖା ପରିଚ଼ାଳକ ମାନସ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଜରୀ ଟିଭି ର ଚ଼୍ୟାନେଲ ମୁଖ୍ୟ ରତିକାନ୍ତ ଶତପଥି, ଜୀ ସାର୍ଥକ ର ନନ୍ ଫିକସନ୍ ହେଡ ସାଇ ମଙ୍ଗକିରଣ ମଙ୍ଗରାଜ , କଲର୍ସ ଓଡ଼ିଆ ର ଚ଼୍ୟାନେଲ ମୁଖ୍ୟ ପ୍ରିୟ ରଞ୍ଜନ ପଣ୍ଡା, ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଓ ଅଭିନେତ୍ରୀ ମାମା ସାମିଲ ପ୍ରମୁଖ ଉପସ୍ଥିତ ରହି ଚ଼ଳଚ୍ଚିତ୍ର ର ଅଡିଓ କୁ ଲୋକାର୍ପଣ କରିଥିଲେ ।ୟୁଏସ୍ ମୋସନ୍ ପିକଚ଼ର୍ସ ବ୍ୟାନର ରେ ନିର୍ମିତ ଏହି ଚ଼ଳଚ଼୍ଚିତ୍ର ରେ ନିର୍ଦ୍ଦେଶନା ଦାଇତ୍ୱ ରେ ଅଛନ୍ତି କେ.ମୁରଲୀ କ୍ରିଷ୍ଣା, ସଂଳାପ ରଚ଼ନା କରିଛନ୍ତି ଡଃ ରଜନୀରଞ୍ଜନ,ସଙ୍ଗୀତ ନିର୍ଦ୍ଦେଶନା ଦାଇତ୍ୱ ରେ ଅଛନ୍ତି ସଞ୍ଜୟ ଓ ସିତୁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, କୁଳଦୀପ, ଅରର୍ପିତ। ଚୌଧୁରୀ,ସତ୍ୟଜିତ୍,ନାଭ୍ୟା,ଲିପ୍ସା, ସୁଶାନ୍ତ ଙ୍କ ସହ ଗୀତ ରଚ଼ନା କରିଛନ୍ତି ସତ୍ୟାନନ୍ଦ ନାୟକ, ଉମେଶ ସାହୁ,ଏମ୍ ଜେବି ବର୍ଣ୍ଣି,ପିଣ୍ଟୁ ଏଥିସହିତ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁରୟାନ୍ ରଥ ।ଏଥିରେ ମୁଖ୍ୟ ଭୂମିକା ରେ ଅଭିନୟ କରିଛନ୍ତି ଶୈଳେନ୍ଦ୍ର , ଦିବ୍ୟା,ଟୁଲୁ,ଶୁଭ୍ରାଂଶୁ, ଚ଼ିନ୍ତାମଣି, ଅଞ୍ଜନା ମିଶ୍ର, ରବି ମିଶ୍ର, ରତନ ମେହେର,କାଳିଆ ଷଣ୍ଢ ପ୍ରମୁଖ । ସଙ୍ଗୀତ ଲୋକାର୍ପଣ ସହ ଚ଼ଳଚ୍ଚିତ୍ର ର ଫାଷ୍ଟ ଲୁକ୍ ମଧ୍ୟ ଦର୍ଶକ ମାନଙ୍କ ଉଦ୍ଦେଶ୍ୟ ରେ ଅତିଥି ମାନେ ଲୋକାର୍ପଣ କରିଥିଲେ ।

# ଜୀ ସାର୍ଥକରେ ଆସୁଅଛି ଅନୁ ଚୌଧୁରୀଙ୍କ ମେଗା ଧାରାବାହିକ 'ସର୍ବଜିତା ଅନୁ'



ଓଡ଼ିଆ ଚ଼ଳଚ୍ଚିତ୍ର ଦୁନିଆର ଏକ ଚ଼ିର ପରିଚ଼ିତ ନାମ ଅନୁ ଚୌଧୁରୀ । ବଡ଼ ପରଦାରେ ହସାଉଥିବା ଓ କନ୍ଦାଉଥିବା ଏହି ଅଭିନେତ୍ରୀ ଏବେ ଟେଲିଭିଜନରେ କରିବେ କମାଲ । ଦୀର୍ଘ ୨ ଦଶନ୍ଧି ଧରି ୬୫ ରୁ ଅଧିକ ଓଡ଼ିଆ ଚ଼ଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି ଅନୁ । ତାଙ୍କର ସୁନ୍ଦର ଅଭିନୟ ଓ ନୃତ୍ୟରେ ଜନତା ହୋଇଛନ୍ତି ମନ୍ତ୍ରମୁଗ୍ଧ । ସେ ଯେ କେବଳ ଓଲିଉଡରେ ଚ଼ର୍ଚ୍ଚିତା ତାହା ନୁହେଁ, ବେଙ୍ଗଲୀ , ତେଲଗୁ ଏବଂ ହିନ୍ଦୀ ଫିଲ୍ମସରେ ମଧ୍ୟ ଦର୍ଶକ ଦେଖିଛନ୍ତି ତାଙ୍କ ଅଭିନୟ । ଗ୍ଲାମର ଇଣ୍ଡଷ୍ଟ୍ରିରେ ବେଶ୍ ସୁନାମ ଅର୍ଜନ କରିଥିବା ଅନୁଙ୍କୁ ୨୦୦୫ ମସିହାରେ ଫିଲ୍ମ ଶାଶୁଘର ଚ଼ାଲିଯିବିରେ ଆକର୍ଷଣୀୟ ଅଭିନୟ ପାଇଁ ମିଳିଥିଲା ଓଡିଶା ରାଜ୍ୟ ଫିଲ୍ମ ପୁରସ୍କାର । ନାୟିକା ଅନୁ ପୁଣି ଆସୁଛନ୍ତି ଦର୍ଶକଙ୍କ ହୃଦୟରେ ଘର କରିବାପାଇଁ । ଜୀ ସାର୍ଥକର ମେଗା ଧାରାବାହିକ ସର୍ବଜିତା ଅନୁରେ ଲିଡ ରୋଲରେ ଆସୁଛନ୍ତି ଅନୁ ଚୌଧୁରୀ ।ଜୀ ସାର୍ଥକ ସଦା ସର୍ବଦା ତାର ଦର୍ଶକ ମାନଙ୍କ ପାଇଁ ମନପସନ୍ଦର ଧାରାବାହିକ ନେଇ ଆସିଥାଏ । ଓଡିଆ କଳା, ସଂସ୍କୃତି ଓ ଚ଼ାଲିଚ଼ଳନକୁ ସର୍ବଦା ପ୍ରାଥମିକତା ଦେଇ ଆସିଛି ଜୀ ସାର୍ଥକ । ଏହି ଧାରାରେ ସାମିଲ ହେବାକୁ ଯାଉଛି ମେଗା ଧାରାବାହିକ 'ସର୍ବଜିତା ଅନୁ' । ଆଗରୁ 'କେମିତି କହିବି କହ'ରେ ସୁପରଷ୍ଟାର ସିଦ୍ଧାନ୍ତ ଓ 'ଦାଦାଗିରି'ରେ ଅନୁଭବଙ୍କ ଜଲୱା ପରେ ଏବେ 'ସର୍ବଜିତା ଅନୁ'ରେ ଦର୍ଶକ ଦେଖିବେ ଏଭରଗ୍ରିନ୍ ନାୟିକା ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ...

ମହାମାରୀ ସମୟରେ ପୁଲିସ କର୍ମୀଙ୍କ ମାନବୀୟ କାର୍ଯ୍ୟ ବିଷୟରେ ସେ ଆଲୋଚ଼ନା କରିଥିଲେ । ସେ କହିଥିଲେ ଯେ, ''ସ୍ୱାଧୀନତା ପରେ, ଦେଶର ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଥିଲା। ଏପରି ଏକ ଧାରଣା ହୋଇଥିଲା ଯେ ଆମମାନଙ୍କୁ ଖାକି ପୋଷାକଧାରୀଙ୍କ ଠାରୁ ସତର୍କ ରହିବାକୁ ପଡିବ । କିନ୍ତୁ ଏବେ ଏହି ଧାରଣା ବଦଳି ଯାଇଛି । ଏବେ ଲୋକମାନେ ଖାକି ପୋଷାକଧାରୀମାନଙ୍କୁ ଦେଖିଲେ, ସେମାନଙ୍କ ମଧ୍ୟରେ ଆଶ୍ୱସ୍ତିର ଭାବନା ସୃଷ୍ଟି ହେଉଛି ।''

ପୁଲିସ କର୍ମଚ଼ାରୀମାନଙ୍କୁ ଚ଼ାକିରି କ୍ଷେତ୍ରରେ ଚ଼ାପର ମୁକାବିଲା କରିବା ପାଇଁ ଯୌଥ ପରିବାର ଠାରୁ ଆବଶ୍ୟକ ସମର୍ଥନ ମିଳୁନଥିବା ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚ଼ନା କରିଥିଲେ । ବାହିନୀ ମଧ୍ୟରେ ରହିଥିବା ଯୋଗ ବିଶେଷଜ୍ଞମାନଙ୍କ ସହିତ ଅନ୍ୟ ବିଶେଷଜ୍ଞମାନଙ୍କ ସହାୟତା ନେବା ଏବଂ ବିଶ୍ରାମର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ସେ କହିଥିଲେ ଯେ, ''ଦେଶର ସୁରକ୍ଷାବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ମାନସିକ ଚ଼ାପ ମୁକ୍ତ ପ୍ରଶିକ୍ଷଣ ଗତିବିଧି ବର୍ତ୍ତମାନର ସମୟର ଆବଶ୍ୟକତା ।''

ସୁରକ୍ଷା ଏବଂ ପୁଲିସ ବ୍ୟବସ୍ଥା କ୍ଷେତ୍ରରେ ପ୍ରଯୁକ୍ତିର ଗୁରୁତ୍ୱ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚ଼ନା କରିଥିଲେ । ସେ କହିଥିଲେ ଯେ ଦି ଅପରାଧୀ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି ତା'ହେଲେ ସେମାନଙ୍କୁ ଧରିବା ଲାଗି ମଧ୍ୟ ପ୍ରଯୁକ୍ତିର ଉପଯୋଗ କରାଯିବା ଆବଶ୍ୟକ। ସେ କହିଥିଲେ ଯେ, ପ୍ରଯୁକ୍ତିର ଉପଯୋଗ କରାଗଲେ ଦିବ୍ୟାଙ୍ଗ ଲୋକମାନେ ମଧ୍ୟ ଏହି କ୍ଷେତ୍ରରେ ଯୋଗଦାନ କରିପାରିବେ ।ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗାନ୍ଧୀନଗର କ୍ଷେତ୍ରରେ ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ, ରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ରହିଛି । ଏସବୁ କ୍ଷେତ୍ର ପରସ୍ପର ସହ ଯୋଡି ହୋଇଥିବାରୁ ନିୟମିତ ମିଳିତ ସଂଗୋଷ୍ଠୀ ଆୟୋଜନ କରାଯାଇ ଏହିସବୁ ଶିକ୍ଷାନୁଷ୍ଠାନ ମଧ୍ୟରେ ତାଳମେଳ ପ୍ରତିଷ୍ଠା କରିବା ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ସେ କହିଥିଲେ ଯେ, ''ଏହାକୁ ପୁଲିସ ବିଶ୍ୱବିଦ୍ୟାଳୟ ବୋଲି ଭାବିବାର ଭୁଲ୍ କରାଯିବା ଉଚ଼ିତ୍ ନୁହେଁ । ଏହା ଏକ ରକ୍ଷା ବିଶ୍ୱବିଦ୍ୟାଳୟ ଯାହା ଦେଶର ସୁରକ୍ଷା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖିଥାଏ।'' ସେ ଭିଡ ଏବଂ ଭିଡ ମନୋବିଜ୍ଞାନ, ଆଲୋଚ଼ନା, ପୁଷ୍ଟିସାଧନ ଏବଂ ପ୍ରଯୁକ୍ତି ଭଳି ବିଷୟର ଗୁରୁତ୍ୱ ବିଷୟରେ ଦୋହରାଇଥିଲେ।

ମାନବିକ ମୂଲ୍ୟବୋଧକୁ ସବୁବେଳେ ଖାକି ପୋଷାକର ଅଭିନ୍ନ ଅଙ୍ଗ ଭାବେ ସବୁବେଳେ ଯୋଡି ରଖିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ନିଜର ପ୍ରୟାସରେ ସେବା ଭାବନାକୁ କେବେହେଲେ କମ୍ ହେବାକୁ ନଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ସୁରକ୍ଷା କ୍ଷେତ୍ରରେ ଝିଅ ଓ ମହିଳାମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ''ଆମେ ପ୍ରତିରକ୍ଷା କ୍ଷେତ୍ରରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣ ଦେଖିବାକୁ ପାଉଛୁ । ବିଜ୍ଞାନ, ଶିକ୍ଷା ଏବଂ ସୁରକ୍ଷା, ପ୍ରତି କ୍ଷେତ୍ରରେ ମହିଳାମାନେ ଆଗକୁ ଆସି ନେତୃତ୍ୱ ନେଉଛନ୍ତି ।''

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗୋଟିଏ ଶିକ୍ଷାନୁଷ୍ଠାନର ଦୃଷ୍ଟିକୋଣକୁ ଆଗକୁ ବ?ାଇବା କ୍ଷେତ୍ରରେ ସେହି ଶିକ୍ଷାନୁଷ୍ଠାନର ପ୍ରଥମ ବ୍ୟାଚ଼୍‌ର ପ୍ରମୁଖ ଭୂମିକା ରହିଛି । ସେ କହିଥିଲେ ଯେ, ଗୁଜରାଟର ପୁରୁଣା ଫାର୍ମାସ୍ୟୁଟିକାଲ କଲେଜ ରାଜ୍ୟକୁ ଫାର୍ମାସୀ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅନୁରୂପ ଭାବେ, ଆଇଆଇଏମ ଅହମ୍ମଦାବାଦ ଦେଶରେ ଏମବିଏ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଦୃ? ବ୍ୟବସ୍ଥା ବିକଶିତ କରିବା ଲାଗି ମାର୍ଗଦର୍ଶନରେ ସଫଳ ହୋଇଥିଲା।

ପୁଲିସ, ଅପରାଧ ସମ୍ବନ୍ଧୀୟ ନ୍ୟାୟ ଏବଂ ସଂସ୍କାରମୂଳକ ପ୍ରଶାସନର ବିଭିନ୍ନ ବିଭାଗରେ ଉଚ୍ଚ଼ ଗୁଣବତ୍ତା ବିଶିଷ୍ଟ ପ୍ରଶିକ୍ଷିତ ମାନବ ସମ୍ବଳ ସୃଷ୍ଟି କରିବାର ଆବଶ୍ୟକତା ପୂରଣ କରିବା ଲାଗି ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ (ଆରଆରୟୁ)ର ପ୍ରତିଷ୍ଠା କରାଯାଇଥିଲା। ସରକାର ରକ୍ଷା ଶକ୍ତି ବିଶ୍ୱବିଦ୍ୟାଳୟକୁ ଅପଗ୍ରେଡ (ଉନ୍ନୀତ) କରି ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ନାମରେ ଏକ ରାଷ୍ଟ୍ରୀୟ ପୁଲିସ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହାକୁ ୨୦୧୦ରେ ଗୁଜରାଟ ସରକାର ପ୍ରତିଷ୍ଠା କରିଥିଲେ । ଏହି ବିଶ୍ୱବିଦ୍ୟାଳୟ ଜାତୀୟ ଗୁରୁତ୍ୱସମ୍ପନ୍ନ ଶିକ୍ଷାନୁଷ୍ଠାନ ମାନ୍ୟତା ଲାଭ କରିଛି । ଅକ୍ଟୋବର ୨୦୨୦ରେ ଏହାର ପରିଚ଼ାଳନା ଆରମ୍ଭ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟ ଉଦ୍‌ଯୋଗ ଠାରୁ ଜ୍ଞାନ ଏବଂ ସମ୍ବଳର ଲାଭ ଉଠାଇ ଘରୋଇ କ୍ଷେତ୍ର ସହ ତାଳମେଳ ବିକଶିତ କରିବ ଏବଂ ପୁଲିସ ଓ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବ ।

ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ (ଆରଆରୟୁ) ପୁଲିସ ବିଜ୍ଞାନ ଏବଂ ପରିଚ଼ାଳନା, ଅପରାଧିକ ଆଇନ ଏବଂ ନ୍ୟାୟ, ସାଇବର ମନୋବିଜ୍ଞାନ, ସୂଚ଼ନା ପ୍ରଯୁକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ସାଇବର ସୁରକ୍ଷା, ଅପରାଧ ତଦନ୍ତ, ରଣନୈତିକ ଭାଷା, ଅନ୍ତରୀଣ ସୁରକ୍ଷା ଏବଂ ରଣନୀତି, ଶାରୀରିକ ଶିକ୍ଷା ଏବଂ କ୍ରୀଡା, ଉପକୂଳ ଏବଂ ସାମୁଦ୍ରିକ ସୁରକ୍ଷା ଭଳି ପୁଲିସ ଏବଂ ଅନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଡିପ୍‌ଲୋମା ଠାରୁ ଆରମ୍ଭ କରି ଡକ୍ଟରେଟ୍ ପର୍ଯ୍ୟନ୍ତ ଶିକ୍ଷା ପାଠ୍ୟକ୍ରମ ସୁବିଧା ପ୍ରଦାନ କରୁଛି । ବର୍ତ୍ତମାନ ଏସବୁ ପାଠ୍ୟକ୍ରମରେ ୧୮ଟି ରାଜ୍ୟର ୮୨୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି ।

### ନବୀନଙ୍କ ଅଧିନରେ...

କୁନ୍ତୀ ପ୍ରଧାନ, ଯାଜପୁର ଜିଲ୍ଲାରେ ନଳିନୀପ୍ରଭା ଜେନା. ବଲାଙ୍ଗୀର ଜିଲ୍ଲାରେ ଦେବକୀ ସାହୁ. ବାଲେଶ୍ୱର ଜିଲ୍ଲାରେ ନାରାୟଣ ପ୍ରଧାନ, ଦେବଗଡ଼ ଜିଲ୍ଲାରେ କୌଶିକ କୁମାର ପ୍ରଧାନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।ନୟାଗଡ଼ ଜିଲ୍ଲାରେ ଦେବାଶିଷ ପଟ୍ଟନାୟକ, ନୂଆପଡ଼ା ଜିଲ୍ଲାରେ ଡଲି ମାଝି, ନବରଂଗପୁର ଜିଲ୍ଲାରେ ମୋତିରାମ ନାୟକମୟୂରଭଂଜ ଜିଲ୍ଲାରେ ଭାରତୀ ହାଁସଦା. ଗଂଜାମ ଜିଲ୍ଲାରେ ଅଞ୍ଜଳି ସ୍ୱାଇଁ, ଗଜପତି ଜିଲ୍ଲାରେ ତିରୁପତି ରାଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

### ମୁଖ୍ୟ ଶାସନ ସଚ଼ିବଙ୍କ...

ପ୍ରକଳ୍ପର ସମୀକ୍ଷା କରିଛନ୍ତି । ବର, ଅଶ୍ୱସ୍ତ, ଆକାଶିଆ, କାଜୁ ଓ ଝାମୁ ଗଛ ଲଗାଇବା, ମୃତ୍ତିକା କ୍ଷୟ ରୋକିବା, ବାଲିବନ୍ଧ ସୁରକ୍ଷା ଏବଂ ଅସ୍ତରଙ୍ଗର ତଣ୍ଡାଘର ଅଞ୍ଚଳକୁ ସମୁଦ୍ରପାଣି ପ୍ରବେଶ ରୋକିବା ନିମନ୍ତେ କିଆବାଡ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚ଼ିବ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଗତବର୍ଷ ଜିଲ୍ଲାରେ ୧୭୮୩୭୫ଟି ଚ଼ାରାରୋପଣ ସହ ୧୪୬୦୦ ଚ଼ାରା ବଣ୍ଟନ କରାଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ୭୭୧.୧ ହେକ୍ଟର ଅଞ୍ଚଳରେ ୬୮୫୨୫୦ ଚ଼ାରା ରୋପଣ ନିମନ୍ତେ ଲକ୍ଷ ରଖାଯାଇଥିବା ଜିଲ୍ଲା ବନଖଣ୍ଡ ଅଧିକାରୀ ସୂଚ଼ନା ଦେଇଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା, ଡିଏଫ୍‌ଓ ଶ୍ରୀ ପି. ରମାସ୍ୱାମୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ, ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ, ଜଳସେଚ଼ନ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଶାନ୍ତ କୁମାର ଦାସ, ୱାଟକୋ ଜେନେରାଲ ମ୍ୟାନେଜର ଶ୍ରୀ ଶରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବିଧାୟକ ଜଗଦ୍ଦେବ...

ଅତୀତରେ ମନୋମୁଣ୍ଡଠାରେ ବିଜେପି କର୍ମୀଙ୍କୁ ମାଡ ମାରି ଲହୁଲୁହାଣ କରିବା, ବେଗୁନିଆରେ କାର୍ଯ୍ୟରତ ମହିଳା ତହସିଲଦାରଙ୍କୁ ଅଶ୍ରାବ୍ୟ ଗାଳି ଦେବା, ବାଲୁଗାଁରେ ବିଜେପି ମଣ୍ଡଳ ସଭାପତି ତଥା ଜଣେ ଦଳିତ ଯୁବକଙ୍କୁ ମାଡ ମାରିବା ଆଦି ଘଟଣାରେ ରାଜ୍ୟ ସରକାର କୋହଳ ମନୋଭାବ ପ୍ରଦର୍ଶନ କରିଥିଲେ । ଅଭ୍ୟାସଗତ ବିଶୃଙ୍ଖଳାକାରୀ ତଥା ବାହୁବଳୀ ବିଧାୟକ ଜଗଦ୍ଦେବଙ୍କ ପ୍ରତି କାହିଁକି ଅତୀତରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ବୋଲି ଡ.ପାତ୍ର ପ୍ରଶ୍ନ କରିଛନ୍ତି ।ବିଶୃଙ୍ଖଳାକାରୀ ତଥା ଦବଙ୍ଗ ବିଧାୟକଙ୍କୁ ନିଲମ୍ବନ କରି କେବଳ ନାଟକ କରୁଥିଲା ବିଜେଡି । ନିଲମ୍ବିତ ହେବା ପରେ ବିଧାୟକ ଶ୍ରୀ ଜଗଦ୍ଦେବ କିପରି ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଏବଂ ଦଳୀୟ ବୈଠକରେ ଯୋଗ ଦେଉଥିଲେ ? ଏପରିକି ଚଳିତ ପଂଚାୟତ ନିର୍ବାଚନରେ ସକ୍ରିୟ ଭାବେ ଦଳୀୟ କାର୍ଯ୍ୟରେ ସାମିଲ ହେଉଥିଲେ ? ବିଧାୟକ ଜଗଦ୍ଦେବଙ୍କ ହିଂସା ଗଣତନ୍ତ୍ର ପ୍ରତି କୁଠାରଘାତ ଏବଂ ଏଭଳି ହିଂସାକୁ ଆଦୌ ସମର୍ଥନ କରିବା ଅନୁଚିତ୍ । ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ.ପାତ୍ର ଦାବୀ କରିଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ ଓ ଠାକୁର ରଣଜିତ ଦାସ ପ୍ରମୁଖ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଗତ କାଲି ବାଣପୁର ଘଟଣାରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ଡାକ୍ତରଖାନା କର୍ତୃପକ୍ଷଙ୍କ ସହ ଚିକିତ୍ସା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ବିରଂଚି ନାରାୟାଣ ତ୍ରିପାଠୀ ଓ ଠାକୁର ରଣଜିତ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜଗଦେବଙ୍କ ବିରୁଦ୍ଧରେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୋଲିସ ଏକ ବିବୃତ୍ତି ଜାରି କରିସାରିଛି ଏବଂ ଆଇନ୍ ଅନୁଯାୟୀ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବ ବୋଲି ଆମେ ନିଶ୍ଚିତ । ଆସନ୍ତୁ ସମସ୍ତେ ଆଇନ୍‌କୁ ତା' ବାଟରେ କାର୍ଯ୍ୟ କରିବାକୁ ଦେବା ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ପାତ୍ର ।

## ହିଞ୍ଜିଳି, ଶେରଗଡର ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ମିଳିମିଶି ଗୋଟିଏ ଟିମ୍ ଭାବରେ କାମ କର: ନବୀନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଅପରାହ୍ନରେ ହିଞ୍ଜିଳି ଓ ଶେରଗଡ ବ୍ଲକ୍‌ର ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦଳମତରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବା ପାଇଁ ପରାମର୍ଶ ଦେଇଛନ୍ତି ।



ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ନିର୍ବାଚନ ଶେଷ ହୋଇଛି । ତେଣୁ ଆପଣମାନେ ବର୍ତ୍ତମାନ ସମସ୍ତଙ୍କ ପାଇଁ କାମ କରନ୍ତୁ । ଦଳମତ ରୁ ଉପରକୁ ଉଠି କାମ କଲେ ଆମେ ସବୁବେଳେ ଲୋକଙ୍କ ଭରସା ଓ ଆଶୀର୍ବାଦ ପାଇପାରିବା ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ବିକାଶ ସବୁବେଳେ ଆମର ଫୋକସ୍ ହୋଇ ରହିଆସିଛି । ବିକାଶ ପାଇଁ ଆମର କଠିନ ପରିଶ୍ରମକୁ ଜନସାଧାରଣ ସବୁବେଳେ ସ୍ୱୀକୃତି ଦେଇଛନ୍ତି । ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନରେ ଏକ ଐତିହାସିକ ରାୟ ଦେଇଛନ୍ତି । ସେଥିପାଇଁ ଜନସାଧାରଣଙ୍କ ନିକଟରେ ଆମେ ଋଣୀ ବୋଲି ସେ କହିଥିଲେ।

ଏ ବିଜୟ ଏକ ବହୁତ ବଡ ଦାୟିତ୍ୱ ବୋଲି ପ୍ରକାଶ କରି ସେ କହିଥିଲେ, "ମୁଁ ଆଶା କରୁଛି ଯେ ଆପଣମାନେ ଆପଣଙ୍କ ଗାଁର, ଆପଣଙ୍କ ଅଞ୍ଚଳର ବିଜୟ ପାଇଁ କାମ କରିବେ । ଲୋକଙ୍କ ସୁଖଦୁଃଖରେ ସବୁବେଳେ ସେମାନଙ୍କ ସାଥିରେ ରହିବେ ।"୫-T ସ୍କୁଲ ରୂପାନ୍ତରରେ ସେମାନଙ୍କ କାମକୁ ପ୍ରଶଂସା କରି ଆଗାମୀ ଦିନରେ ମଧ୍ୟ ବିକାଶ କାମକୁ ଆହୁରି ଜୋରରେ ଆଗେଇ ନେବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ। ହିଞ୍ଜିଳି ଓ ଶେରଗଡ ବ୍ଲକ୍‌ର ଉନ୍ନତି ପାଇଁ ସମସ୍ତେ ମିଳିମିଶି ଏକ ଟିମ୍ ଭାବରେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।




ରାଜଭବନଠାରେ ଓପିଏସସି ଅଧକ୍ଷ ସତ୍ୟଜିତ୍ ମହାନ୍ତି ବାର୍ଷିକ ବିବରଣୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରୁଛନ୍ତି ।

# ପୌର ନିର୍ବାଚନ ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ନିର୍ବାଚନ କମିଶନଙ୍କ ବୈଠକ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌରସଂସ୍ଥାଗୁଡ଼ିକର ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ, ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ବୈଠକ କରିଛନ୍ତି । ନିର୍ବାଚନ କମିଶନରଙ୍କ ସହ ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା (ଆଇନଶୃଙ୍ଖଳା) ଉପସ୍ଥିତ ରହି ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହ ପୌର ନିର୍ବାଚନ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନିର୍ବାଚନ ପୂର୍ବର ପ୍ରସ୍ତୁତି ଯଥା- କର୍ମଚାରୀମାନଙ୍କର ତାଲିମ, ନିର୍ବାଚନ ସାମଗ୍ରୀ ବିତରଣ, ବାଲାଟ୍ ପେପର ପ୍ରସ୍ତୁତି, ଷ୍ଟ୍ରଙ୍ଗରୁମ୍ ସ୍ଥାପନ ଓ ମତଗଣନା ଇତ୍ୟାଦି କାର୍ଯ୍ୟଗୁଡ଼ିକ କିପରି ଭାବେ ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ବିସ୍ତୃତ ଭାବେ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟର ଅବଗତ କରାଇଥିଲେ ।




ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ କଡ଼ାକଡ଼ି ଭାବେ ଏହାକୁ ପାଳନ କରିବା ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନ ଗୁରୁତ୍ୱାରୋପ କରିଛନ୍ତି । ପୌରନିର୍ବାଚନ ନିମନ୍ତେ ଦୁଇପ୍ରକାରର ବାଲାଟ୍ ପେପର ଇଭିଏମ୍ ରେ ରହିବ । କାଉନ୍‌ସିଲର/କର୍ପୋରେଟର ପ୍ରାର୍ଥୀମାନଙ୍କ ପାଇଁ ଗୋଲାପି ରଙ୍ଗର ବାଲାଟ୍ ପେପର ଏବଂ ଅଧକ୍ଷ/ମେୟର ପ୍ରାର୍ଥୀମାନଙ୍କ ନିମନ୍ତେ ହଳଦିଆ ରଙ୍ଗର ବାଲାଟ୍ ପେପର ନିର୍ବାଚନରେ ବ୍ୟବହାର କରାଯିବ । ପ୍ରତି ବୁଥ୍ ରେ ଦୁଇଗୋଟି ଇଭିଏମ୍ ରହିବ । କାଉନ୍‌ସିଲର/କର୍ପୋରେଟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ଏବଂ ଅଧକ୍ଷ/ମେୟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ରହିବ। ଭୋଟରମାନେ ମତଦାନ କକ୍ଷ ମଧ୍ୟରେ ସହଜରେ ମତଦାନ କରିବା ପାଇଁ ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଅଠାଥିବା ଷ୍ଟିକର ଲଗାଯିବ। କାଉନ୍ ସିଲର/କର୍ପୋରେଟର ନିର୍ବାଚନ ପାଇଁ ଥିବା ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଗୋଲାପି ରଙ୍ଗର ଷ୍ଟିକର ଏବଂ ଅଧକ୍ଷ/ମେୟର ନିର୍ବାଚନ ପାଇଁ ଥିବା ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ହଳଦିଆ ରଙ୍ଗର ଷ୍ଟିକର ଲଗାଯିବ ।

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଥିବା ଅଗାଢ ବିଶ୍ୱାସର ପ୍ରମାଣ ମିଳିଲା: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଦେଶର ଚାରୋଟି ରାଜ୍ୟ ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂଗୋଆରେ ବିଜେପି ପ୍ରତି ଅଭୂତପୂର୍ବ ଜନାଦେଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଥିବା ଅଗାଢ ବିଶ୍ୱାସର ପ୍ରମାଣ ବୋଲି ବୋଲି ଟ୍ୱିଟ୍ କରି କହିଛନ୍ତି ଉତର ପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଉତ୍ତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଶେଷ ଭାବରେ ମାତୃଶକ୍ତି ଓ କାର୍ଯ୍ୟକର୍ତାଙ୍କୁ ଏହି ବିପୁଳ ବିଜୟ ପାଇଁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି, ମାଆ ଭଉଣୀମାନେ ସ୍ୱଷ୍ଟ ମତ ଦେଇ ନୂଆ ଭାରତ ଜନକଲ୍ୟାଣ, ଜନଭାଗିଦାରୀ, ସ୍ୱଚ୍ଛ ଶାସନ ଏବଂ ପ୍ରଗତିଶୀଳ ରାଜନୀତିକୁ ସମର୍ଥନ କରିଛନ୍ତି ।ଚାରୋଟି ରାଜ୍ୟରେ ବିପୁଳ ଜନସମର୍ଥନ ସ୍ୱଷ୍ଟ କରୁଛି ଭାରତରେ ଜନକଲ୍ୟାଣ, ବିକାଶ ଏବଂ ସୁଶାସନର ରାଜନୀତିର କୌଣସି ବିକଳ୍ପ ନାହିଁ। ଏହି ଅଭୂତପୂର୍ବ ବିଜୟ ଦେଶରେ ବିଜେପି ସମର୍ଥନରେ ଥିବା ଜନାଦେଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଥିବା ବିଶ୍ୱାସକୁ ପ୍ରମାଣିତ କରୁଛି । ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଜେପିକୁ ଯେଉଁ ଆଶୀର୍ବାଦ ଦେଇଛନ୍ତି, ଏହା ସ୍ୱଷ୍ଟ କରୁଛି ଭୋଟରମାନେ ସେମାନଙ୍କୁ ସମର୍ଥନ କରନ୍ତି ଯେଉଁମାନେ ପ୍ରତିଶ୍ରୁତିକୁ ପାଳନ କରନ୍ତି। ଏହି ଜନାଦେଶରୁ ଯେଉଁ ପାର୍ଟି ବଂଶବାଦ, ତୁଷ୍ଟିକରଣ ଓ ଜାତିବାଦକୁ ନେଇ ରାଜନୀତି କରନ୍ତି ସେମାନଙ୍କ ପାଇଁ ସ୍ଥାନ ନାହିଁ ବୋଲି ଜନାଦେଶରୁ ସ୍ୱଷ୍ଟ ହୋଇଛି ।

# ଅପ୍ରେଲ ୨୯ରୁ ମଇ ୬ ଯାଏଁ ମାଟ୍ରିକ ପରୀକ୍ଷା: ମୁଖ୍ୟ ଶାସନ ସଚିବ

- ନିଜ ସ୍କୁଲରେ ପରୀକ୍ଷା ଦେବେ ପିଲା
- ୩ ଟି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳିତ ବର୍ଷ ଏପ୍ରିଲ ୨୯ ତାରିଖରୁ ମେ ୬ ତାରିଖ ଯାଏଁ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଦିନ ଏହି ସୂଚନା ଦେଇଛନ୍ତି । ଏହା ଫଳରେ ମାଟ୍ରିକ ପରୀକ୍ଷାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ ଦୂର ହୋଇଛି । ଏହାସହ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ମଧ୍ୟମା(ସଂସ୍କୃତ) ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ପରୀକ୍ଷା ମଧ୍ୟ ଏପ୍ରିଲ ୨୯ ତାରିଖଠାରୁ ଆରମ୍ଭ ହୋଇ ମେ ୦୬ ତାରିଖରେ ଶେଷ ହେବ।




ସେ କହିଛନ୍ତି ଯେ ଏଥର ମାଟ୍ରିକ୍ ପରୀକ୍ଷାଗୁଡ଼ିକ ପିଲା ପଢୁଥିବା ନିଜ ସ୍କୁଲରେ ଦେବେ। କିନ୍ତୁ, ପରୀକ୍ଷା ପରିଚାଳନା ପାଇଁ ଅନ୍ୟ ସ୍କୁଲର ଶିକ୍ଷକମାନେ ନିୟୋଜିତ ହେବେ। ଯେଉଁଠି ତାହା ସମ୍ଭବପର ହେବ ନାହିଁ ସେଠାରେ ପାଖ ସ୍କୁଲରେ ପିଲାମାନେ ପରୀକ୍ଷା ଦେବେ। ସେ ଆହୁରି କହିଛନ୍ତି ଯେ, ସମସ୍ତଙ୍କ ପାଇଁ ଅଫଲାଇନରେ ମାଟ୍ରିକ ପରୀକ୍ଷା ହେବ । ତିନୋଟି ରୂପରେ ପିଲାଙ୍କ ଖାତା ମୂଲ୍ୟାୟନ ହେବ । ସମେଟିଭ୍ ଆସେସମେଂଟ ୨ ପରୀକ୍ଷା ସବୁ ଛାତ୍ରଛାତ୍ରୀ ନିଜ ସ୍କୁଲରେ ଦେବେ । ଯଦି ଦରକାର ପଡେ ନିକଟତମ ସ୍କୁଲରେ ପିଲା ପରୀକ୍ଷା ଦେବେ । ଏନେଇ ମାଧ୍ୟମିକ ସ୍କୁଲ ଶିକ୍ଷା ପରିଷଦ ଗାଇଡଲାଇନ୍ ଜାରି କରିବେ । ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଯେଉଁ ପଦ୍ଧତିରେ ଛାତ୍ରଛାତ୍ରୀ ଭଲ ମାର୍କ ରଖିବେ ସେହି ମାର୍କକୁ ଚୂଡାନ୍ତ କରାଯିବ । ପ୍ରଥମ ଦୁଇଟି ହେଉଛି ବିକଳ୍ପ ଓ ତୃତୀୟରେ ନୂଆ ପଦ୍ଧତିରେ ଫଳ ନିର୍ଦ୍ଧାରଣ ହେବ ।

ପ୍ରଥମ ପଦ୍ଧତିରେ ସମେଟିଭ୍ ଆସେସମେଂଟ୍ ୧ ଓ ଇଂଟରନାଲ ଆସେସମେଂଟକୁ ଦୁଇ ଗୁଣା କରି ଛାତ୍ରଛାତ୍ରୀଙ୍କ ମାର୍କ ବାହାରିବ । ଦ୍ୱିତୀୟ ପର୍ଯ୍ୟାୟରେ ସମେଟିଭ୍ ଆସେସମେଂଟ୨ ଆଧାରରେ ମାର୍କ ଦିଆଯିବ ।ସମ୍ମେଟିଭ୍-୨ ମାର୍କ ୨ ଗୁଣ କରି ହିସାବ କରାଯିବ। ୩ୟ ପଦ୍ଧତି ହେଉଛି ଇଂଟରନାଲ୍ ଆସେସ୍‌ମେଂଟର ୨୦% ସମ୍ମେଟିଭ୍-୧ରୁ ୩୦%। ତେବେ ସମ୍ମେଟିଭ୍-୨ରୁ ୫୦ ପ୍ରତିଶତ ନମ୍ବର ନେଇ ମାର୍କିଂ କରାଯିବ। ବିଭିନ୍ନ ପରୀକ୍ଷା ଫଳ ମିଶାଇ ମାର୍କ ନିର୍ଦ୍ଧାରଣ କରାଯିବ । ଯେଉଁଥିରେ ଛାତ୍ରାଛାତ୍ରୀ ସର୍ବାଧିକ ନମ୍ବର ରଖିବେ ତାକୁ ହିଁ ଚୂଡାନ୍ତ ଫଳ ବୋଲି ଧରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ସେ କହିଛନ୍ତି ଯେ, ୨ ବର୍ଷ ହେଲା କରୋନା ମହାମାରୀ ଲାଗି ରହିଛି । ଏହା ମାନସିକ, ଶାରୀରିକ ଓ ଅର୍ଥନୈତିକ ଶକ୍ତିକୁ ପ୍ରଭାବିତ କରିଛି।

# ବିଶୃଙ୍ଖଳାକାରୀ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରତି ରାଜ୍ୟ ସରକାରଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ: ସମୀର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଆଇନ ତା ନିଜ ବାଟରେ ଯାଉ ନାହିଁ । ବରଂ ଆଇନ ଆଗରେ ବାଟ ଓଗାଳି ଛିଡା ହୋଇ ରହିଛନ୍ତି ଖୋଦ୍ ରାଜ୍ୟ ସରକାର । ପଂଚାୟତ ନିର୍ବାଚନ ସମୟରେ ଶାସକ ବିଜେଡି ଦ୍ୱାରା ହିଂସାତ୍ମକ ଆଚରଣ ଆମ ସମସ୍ତଙ୍କ ମନରୁ ଲିଭି ନଥିବାବେଳେ ବର୍ତ୍ତମାନ ପୌର ନିର୍ବାଚନ ସମୟରେ ପୁଣି ଥରେ ଶାସକ ଦଳର ସମାନ ମନୋଭାବ ସାମ୍ନାକୁ ଆସିଛି । ପୌର ନିର୍ବାଚନ ସମୟରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ନିର୍ବାଚନୀ ହିଂସା ଘଟିବା ଅତ୍ୟନ୍ତ ଚିନ୍ତାର ବିଷୟ । ନିର୍ବାଚନକୁ ବିରୋଧୀ ଶୂନ୍ୟ କରି ଯେଣତେଣ ହିସାବରେ ଶାସନ କ୍ଷମତାକୁ ଜାବୁଡି ଧରିବାର ନିଶା ଶାସକ ବିଜେଡିକୁ ଘାରିଛି । କ୍ଷମତା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇବା ପାଇଁ ନିଜକୁ ପ୍ରସ୍ତୁତ କରିଛି ବିଜୁ ଜନତା ଦଳ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।



ବିଜେଡି ଗୁଣ୍ଡାଙ୍କ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ବିଜେପି କାର୍ଯ୍ୟକର୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଭେଟିଛନ୍ତି ।

# ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୂର୍ବ ତଟ ରେଳପଥ ସହିତ ଏହାର ମହିଳା କଲ୍ୟାଣ ସଂଗଠନର ମିଳିତ ଆନୁକୂଲ୍ୟରେ ରେଳବାଇ ଅଡିଟୋରିୟମ ଠାରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ଆନ୍ତର୍ଜାତୀୟ ମହିଳା ଦିବସ ପାଳନକୁ ସ୍ମରଣୀୟ କରିବାପାଇଁ ଆୟୋଜିତ ଆଲୋଚନାଚକ୍ର 'ଆଜିର ଲିଙ୍ଗଗତ ସମାନତା ଆସନ୍ତା କାଲି ପାଇଁ ଦାୟିତ୍ୱଭାର ସମ୍ଭାଳିବା' ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚିତ ହୋଇଥିଲା ଯେଉଁଥିରେ ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ ।




ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତଟ ରେଳପଥର ପ୍ରମୁଖ ଟେଲିକମ ଓ ସାଙ୍କେତିକ ଯନ୍ତ୍ରୀ ଏସ୍ ମାଙ୍ଗା ଭି ରେଳପଥର ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ, ଯେଉଁମାନେ କେବଳ ରେଳବାଇ ନୁହେଁ ଦେଶ ପାଇଁ ମଧ୍ୟ ସୁନାମଧନ୍ୟ ଆଣିପାରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ଆମର ମୂଲ୍ୟବାନ ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ସିଗନାଲ୍ ଆଣ୍ଡ ଟେଲିକମ୍ ଏବଂ ରେଳ ସୁରକ୍ଷା ବଳ (ଆରପିଏଫ୍) ର ମହିଳା କର୍ମଚାରୀଙ୍କ ସମେତ ଆମର ମହିଳା ଲୋକୋ ପାଇଲଟ୍, ସହାୟକ ଲୋକୋ ପାଇଲଟ୍, ଗାର୍ଡ, ଟ୍ରାକମ୍ୟାନ୍ ମାନଙ୍କ ଅବଦାନ ମଧ୍ୟ ଅତୁଳନୀୟ । ଏହା ବ୍ୟତୀତ ରେଳପଥର ଅନ୍ୟ ସ୍ଥାନ ମାନଙ୍କରେ କାର୍ଯ୍ୟରତ ମହିଳା କର୍ମଚାରୀମାନେ ମଧ୍ୟ ଏହି ରେଳବାଇକୁ ସର୍ବୋଚ୍ଚ ସ୍ତରରେ ଆଣିବା ପାଇଁ କଠିନ ପରିଶ୍ରମ କରୁଛନ୍ତି ।

# ପ୍ରଶାନ୍ତଙ୍କୁ ବିଜେଡ଼ିରୁ ବହିଷ୍କାର କରିବାକୁ କଂଗ୍ରେସର ଦାବି



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଏକ ଅଭାବନୀୟ ଘଟଣାକ୍ରମରେ ସମଗ୍ର ରାଜ୍ୟକୁ ଲଜ୍ଜିତ କଲାଭଳି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କର ସାଧାରଣ ଜନତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବା ଘଟଣାକୁ ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ପଦ୍ମାକର ଗୁରୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ସାଧାରଣ ଜନତାଙ୍କୁ ନିଜେ ମଦ୍ୟପାନ କରି ଅତି ଅମାନୁଷିକ ଭାବେ ଗାଡ଼ି ଚଢ଼ାଇ ୭ଜଣ ପୋଲିସ କର୍ମଚାରୀଙ୍କ ସହିତ ୧୫ରୁ ଅଧିକ ନିରୀହ ଜନତାଙ୍କୁ ଗମ୍ଭିର ଭାବେ ଆହତ କରିବା ଘଟଣା ଓଡ଼ିଶାର ରାଜନୈତିକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକ ଅଧକ୍ଷ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଉପାୟରେ ଚାଲିଥିଲା ବେଳେ ବିଧାୟକ ସେଠାରେ ପହଂଚି ଅତ୍ୟନ୍ତ ଅମାନୁଷିକ ଭାବେ ଜୋରଜବରଦସ୍ତ ବ୍ଲକ ଅଫିସ ଭିତରକୁ ନିଜର ଏସ୍‌ୟୁଭି କାର ସହିତ ଧସେଇ ପସିବା ପାଇଁ ଉଦ୍ୟମ କରି ଉପସ୍ଥିତ ସାଧାରଣ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ଯାହା ଫଳରେ ୨୨ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, City Office: 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
Chief Editor : Harendra Kishor Das
Editor :Ajay Das